

ରଣକୁ ସମ୍ପୂର୍ଣ୍ଣ ପରିଶୋଧ କରିବା ଉଚିତ। ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଦେବା ଏବଂ ରୋଗ ମୁକ୍ତ ହେବା ଆବଶ୍ୟକ। କାରଣ ରଣ, ଅଗ୍ନି ଓ ବ୍ୟାଧିର ଅବଶେଷ ରହିଲେ ତାହା ପୁଣି ବଢ଼ିଯାଏ।
- ଚାଣକ୍ୟ



# ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ

**ରସୁଲପୁର,୧୨।୩(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅଧୀନରେ ବେଆଇନ ବାଲି ମାଫିଆଙ୍କ ପାଦୁର୍ଭାବ ଦିନକୁ ଦିନ ବଢିବାରେ ଲାଗିଛି। ମାଫିଆମାନେ ନିଲାମ ବାଲି ଘାଟକୁ ବନ୍ଦ କରିବାକୁ ମହିଳାଙ୍କୁ ଢାଲ କରୁଥିବାବେଳେ ତେଣେ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦେବାରେ ପ୍ରଶାସନ ବିଫଳ ହେଉଛି। ଯାହାଫଳରେ ସରକାରଙ୍କୁ ଲକ୍ଷାଧିକ ଟଙ୍କା ଟିକସ ଦେଇ ମଧ ନିଲାମଧାରୀମାନେ ବାଲି ଉଠାଇ ପାରୁ ନାହାନ୍ତି। ଏଭଳିସ୍ଥିତିରେ ପ୍ରଶାସନ ବିରୋଧରେ ଲିଜ୍‌ଧାରୀମାନେ କୋର୍ଟଙ୍କ ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିବାବେଳେ ଅନେକ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାବେଳକୁ ପ୍ରଶାସନିକ ଅଧିକାରୀ ବିରୋଧର ଶିକାର ହେଉଛନ୍ତି।

ମିଳିଥିବା ସୂଚନା ଅନୁସାରେ ବାଲିମାଫିଆମାନେ ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ଢାଲକରି ପ୍ରଶାସନିକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଯାହାକି ଜାବରା ପଞ୍ଚାୟତ ନିକଟସ୍ଥ ବ୍ରାହ୍ମଣୀ ନଦୀର ଲିଜ୍ ଘାଟରୁ ବାଲି ଉଠାଣକୁ ସ୍ଥାନୀୟ ଜନସାଧାରଣ ବିରୋଧ ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ଏଠାରେ ବେଆଇନ ବାଲି ଚାଲାଣ ବନ୍ଦ କରାଯିବାରୁ ପରିସ୍ଥିତି ଅଶାନ୍ତ ହୋଇଛି। ଶନିବାର ପ୍ରଶାସନିକ ଅଧିକାରୀମାନେ ଆଇନଗତ ପଦକ୍ଷେପ ନେବାକୁ ଯାଇ ହଟହଟା ହେବା ଘଟଣା ସମଗ୍ର ତହସିଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ତହସିଲ ଅଞ୍ଚଳରେ ୭ଟି ନିଲାମ ବାଲିଘାଟ ରହିଛି। ସେଥି ମଧ୍ୟରୁ ଜାବରା ବାଲିଘାଟ ଅନ୍ୟତମ। ଏହି ଘାଟକୁ ନେଇ ଲିଜ୍‌ଧାରୀ ଓ ବେଆଇନ ବାଲି ମାଫିଆଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଦୁଇ ଗୋଷ୍ଠୀ ମଧ୍ୟରେ ସୃଷ୍ଟ ବିବାଦ ମଝିରେ ରସୁଲପୁର ତହସିଲ ଓ କୁଆଖିଆ ଥାନା ପୋଲିସ ପ୍ରଶାସନ ଛନ୍ଦି ହୋଇଯାଇଛି। ଦୀର୍ଘବର୍ଷ ଧରି ଏଠିକାର ନିଲାମ ବାଲିଘାଟ ମାମଲା କୋର୍ଟରେ ବିଚାରାଧୀନ ଥିଲା। ଏହି ମୌକାରେ ଜାବରା, ବରକୋଳି ପାଟଣା, କଣ୍ଟିଆକଣ ଆଦି ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀର ବେଆଇନ ବାଲି ଘାଟରୁ ଶହ ଶହ ଟ୍ରିପ ବାଲି ଚାଲାଣ ହେଉଥିଲା। କୋର୍ଟଙ୍କ ଅବରୋଧ ହଟିବା ପରେ ତହସିଲ ପ୍ରଶାସନ ପକ୍ଷରୁ ବାଲିଘାଟକୁ ଲିଜ୍ ଦିଆଯାଇଥିଲା। ଏହି ଅଞ୍ଚଳରେ ବେଆଇନ ବାଲିଘାଟ ପ୍ରଭାବିତ ହୋଇଥିଲା। ଉକ୍ତ ବେଆଇନ ବାଲି ପରିବହନରୁ ଲାଭ ଉଠାଉଥିବା ବ୍ୟକ୍ତିମାନେ ଆଇନଗତ ବାଲି ପରିବହନକୁ ବନ୍ଦ କରିବା ପାଇଁ ନାନା ପନ୍ଥା ଆପଣେଇ ଥିଲେ। ବାଲିଘାଟରେ ମେଶିନ ସହାୟତାରେ ବାଲି ଉତ୍ତୋଳନ ହେବା ସହ ହାଇୱାରେ ବାଲି ପରିବହନ ହେବାରୁ ବିରୋଧ ଆରମ୍ଭ ହୋଇଥିଲା। ବିଶେଷକରି ସୀମା ବାହାରୁ ବାଲି ଉଠାଇବା, ନିର୍ମାଣ ପୋଲ ନିକଟରୁ ବାଲି ଉଠାଇବା, ପୋଲପ୍ରତି ବିପଦ ସୃଷ୍ଟି କରିବା, ବାଲି ଉତ୍ତୋଳନ କ୍ଷେତ୍ରକୁ ମାପଚୁପ କରିବା ଭଳି ନାନା ଦାବି କରି ଲିଜ୍‌ଧାରୀମାନେ ଆନ୍ଦୋଳନ କରିଆସୁଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଅନେକ ଥର ମାମଲା ଥାନାରେ ବି ପହଞ୍ଚିଥିଲା। ଏପରି କି ବିରୋଧୀମାନେ ଶେଷଥର ନିଲାମ ବାଲିଘାଟ ମାପଚୁପ୍ କରିବାକୁ ଜିଦ୍ କରି ବାଲି ଉତ୍ତୋଳନକୁ ବନ୍ଦ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହି ଘଟଣା ସମ୍ପର୍କରେ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବା ସହ ଲିଜ୍ ଘାଟର ମାପଚୁପ୍ କରିବା ପାଇଁ ଆପୋଷ ଭାବରେ ସ୍ଥିର ହୋଇଥିଲା। ନିଷ୍ପତ୍ତି ମୁତାବକ ମାର୍ଚ୍ଚ ୭ତାରିଖରେ ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ଓ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ତହସିଲ ପ୍ରଶାସନ ଓ ପୋଲିସ ବାହିନୀକୁ ନେଇ ବାଲି ଘାଟ ମାପଚୁପ୍ କରିବା ପାଇଁ ନିଲାମ ଘାଟ ନିକଟରେ ପହଁଚି ଥିଲେ। ମାତ୍ର ବିରୋଧୀ ଗୋଷ୍ଠୀ ସ୍ୱର ବଦଳାଇବା ସହ ନିଲାମ ଘାଟକୁ ବାତିଲ କରିବା ଦାବି କରି ପ୍ରଶାସନ ଅଧିକାରୀଙ୍କୁ ମାପଚୁପ୍ କରାଇ ଦେଇ ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଯାହାଫଳରେ ମାପଚୁପ୍‌କୁ ଅଧାରୁ ବନ୍ଦକରି ପ୍ରଶାସନିକ ଅଧିକାରୀମାନେ ଫେରି ଆସିଥିଲେ। ସେହି ଦିନରୁ ଆଇନଗତ ବାଲି ଘାଟରୁ ବାଲି ପରିବହନ ବନ୍ଦ ରହିଛି। ଉକ୍ତ ଘଟଣାକୁ ନେଇ ଲିଜ୍‌ଧାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ନିଲାମ ଘାଟ ପରିଚାଳନା କରିବାରେ ସହଯୋଗ ମିଳୁ ନ ଥିବାରୁ ଆଇନର ସହାୟତା ନେବାକୁ ଲିଜଧାରୀ ସଜବାଜ ହେଉଥିବାର ସୂଚନା ମିଳୁଛି। ତେଣେ ଏହି ଘଟଣା ପରେ ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଅସମ୍ଭବ ନୀରବତା ଉଭୟ ଗୋଷ୍ଠୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଏନେଇ ରସୁଲପୁର ତହସିଲଦାର ଭୂଜବଳଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ଗୁରୁତର ସହ ନେଇଛନ୍ତି। ଏବେ ସେ ଦୁଇଟି ତହସିଲ ଦାୟିତ୍ୱରେ ଅଛନ୍ତି । ଏନେଇ ସମୟ ବାହାର କରି ଥାନା ଅଧିକାରୀ ସ୍ୱାଇଁଙ୍କ ସହ ଆଲୋଚନା କରିବା ପରେ ଯାହାକିଛି ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି, ଏହି ତହସିଲ ଅଧୀନସ୍ଥ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀର ରଣେଶ୍ୱର ଘାଟରୁ ନିଲାମଧାରୀ କୈଳାସ ସାହୁ ଲିଜ୍ ନେଇଛନ୍ତି। ଏହି ଘାଟରୁ ଅଳ୍ପ କେତେ ଦୂରରେ ଆଉ ଏକ ବେଆଇନ ବାଲିଘାଟ ଚାଲୁଛି। ସେଠାରୁ ଏବେ ବି ଶହ ଶହ ଟ୍ରିପ୍ ବାଲି ପରିବହନ ହେଉଛି। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ନିଲାମ ଘାଟଟି ଏବେ ବି ବନ୍ଦ ରହିଥିବା ଜଣାଯାଇଛି ।


ପ୍ରଶାସନିକ ଅଧିକାରୀଙ୍କୁ ଘେରିଛନ୍ତି ଅଞ୍ଚଳବାସୀ।

**ରସୁଲପୁର ତହସିଲ୍**
**ମହିଳାଙ୍କୁ ଢାଲ କରୁଛନ୍ତି ବାଲି ମାଫିଆ**

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇ ଫେରାର ଡ୍ରାଇଭର ଗିରଫ

**ଧର୍ମଶାଳା,୧୨।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରୀ ଝାଟିଆପଡ଼ା ନିକଟରେ ଗତ ମାସ ୧୮ତାରିଖରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରଠାରୁ ଟ୍ରାକ୍ଟର ଡ୍ରାଇଭର ଫେରାର ଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ରାତିରେ ଜେନାପୁର ପୋଲିସ ଉକ୍ତ ଡ୍ରାଇଭରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଡ୍ରାଇଭର ଜଣକ ହେଉଛନ୍ତି ପନ୍ତୁରୀ ଗ୍ରାମର ଦାସୁଆ ଦଳେଇ । ଘଟଣା ଦିନ ଡ୍ରାଇଭର ଦାସୁଆ ଟ୍ରାକ୍ଟର ଚଳାଇ ଯାଉଥିବାବେଳେ ଝାଟିଆପଡା ଠାରେ ବାଇକରେ ଆସୁଥିବା କୁଆଖିଆ ଥାନା ଶୁଳିଆ ଗ୍ରାମର ବାବଜି ଖୁଣ୍ଟିଆ (୬୨)ଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାବାଜିଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଦାସୁଆ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଜେନାପୁର ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଓଡି ୦୪-ଏଚ-୨୯୬୪ ନମ୍ବର ଟ୍ରାକ୍ଟରକୁ ଜବତ କରି ଏକ ମାମଲା(ନଂ.୩୪/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

### ଚୋରା ମଦ ଜବତ: ଜଣେ ଗିରଫ

**ଧର୍ମଶାଳା/ଜେନାପୁର,୧୨।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ଜଣେ ଚୋରା ମଦ ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୪୮ବୋତଲ ବିଦେଶୀ ମଦ ଜବତ କରିଛି। ରେଖିଦେଇପୁର ଗ୍ରାମର ପ୍ରମୋଦ ପରିଡା ଚୋରା ମଦ ବିକ୍ରି କରୁଥିବା ଖବର ପାଇ ପୋଲିସ ବୁଧବାର ରାତିରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୫୪/୨୦) ରୁଜୁ କରି ପ୍ରମୋଦଙ୍କୁ ଗୁରୁବାର ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

### ମୋମେଣ୍ଟମ କ୍ଲାସେସ୍ ପକ୍ଷରୁ ସମ୍ବର୍ଦ୍ଧନା

**ରସୁଲପୁର,୧୨।୩(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାସ୍ଥିତ ହାଜିରହିମିଆଁ ହାଇସ୍କୁଲ ସମ୍ମୁଖରେ ଅବସ୍ଥିତ ମୋମେଣ୍ଟମ କ୍ଲାସେସ୍ ପକ୍ଷରୁ ବୁଧବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ପରିଚାଳକ ଭାଗବତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବରୀ ନିର୍ବାଚନ ମଣ୍ଡଳୀ ବିଜେଡିର ମାଗଦର୍ଶକ ଦେବେନ୍ଦ୍ର ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଜିଲାପରିଷଦ ସଦସ୍ୟ ଅଶୋକ କୁମାର ସାମଲ, ବ୍ରହ୍ମବରଦା ପଞ୍ଚାୟତ ସରପଞ୍ଚ ବିଜୟ କୁମାର ଦାସ, ପୂର୍ବତନ ସରପଞ୍ଚ ଅକ୍ତର ଅଲ୍ଲୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ମେମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୟୋନୋ କ୍ୟାଶ୍ ମେଳା

**ଯାଜପୁରରୋଡ,୧୨।୩(ଡି.ଏନ.ଏ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଯାଜପୁର ରୋଡ ଶାଖା ପକ୍ଷରୁ ୟୋନୋ କ୍ୟାସ ମେଳା ଓ ନେଟ୍ ବ୍ୟାଙ୍କିଂ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ରୋଡ ମୁଖ୍ୟ ଶାଖା ପ୍ରବନ୍ଧକ ଶରତ ଚନ୍ଦ୍ର ଦୋରା, ସହକାରୀ ଶାଖା ପ୍ରବନ୍ଧକ ବିରଞ୍ଚି ବେହୁରିଆଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ମୁଖ୍ୟତଃ ମନୋଜ କୁମାର ବେହେରା, ସଖୀ ମଲ୍ଲ ଓ ମାନସ ରଞ୍ଜନ ପାଣି ପ୍ରମୁଖ କର୍ମଚାରୀ ସଞ୍ଚାଳନ କରିଥିଲେ। ଏଣିକି ବିନା ଏଟିଏମ୍ କାର୍ଡ କିମ୍ବା ବ୍ୟାଙ୍କକୁ ନ ଯାଇ କିପରି ଜମାକାରୀଙ୍କ ଟଙ୍କା ଉଠାଣ ଓ ନେଣଦେଣ ହୋଇପାରିବ ସେ ସମ୍ପର୍କରେ ଦର୍ଶାଯାଇଥିଲା। ଏଥିପାଇଁ ଗ୍ରାହକମାନେ ନିଜର ମୋବାଇଲ୍ ଫୋନ୍, ଲାପଟପ୍ କିମ୍ବା କମ୍ପ୍ୟୁଟର ସହାୟତାରେ ଏହି ସୁବିଧା ସହଜରେ ଉପଲବ୍ଧ କରିପାରିବେ। ୟୋନୋ ସେବା ବ୍ୟବହାର କରିବା ଦ୍ୱାରା ଗ୍ରାହକମାନେ ସହଜରେ ଠକାମିର ଶୀକାର ହେବେ ନାହିଁ। ପ୍ରତ୍ୟେକ କାରବାରରେ ଏଣିକି ବ୍ୟାଙ୍କ ଉପରେ ପ୍ରତ୍ୟେକ୍ଷଭାବେ ନିର୍ଭର ମଧ କରିବାକୁ ପଡିବ ନାହିଁ ଏହା ବ୍ୟତୀତ ଇଣ୍ଟରନେଟ୍ ଯୁଗରେ ସାଧାରଣ ଗ୍ରାହକ ନେଟ୍ ବ୍ୟାଙ୍କିଂ ସୁବିଧା ପାଇପାରିବେ ବୋଲି ଯାଜପୁର ରୋଡ୍ ଶାଖା ମୁଖ୍ୟ ପରିଚାଳକ ଶରତ ଚନ୍ଦ୍ର ଦୋରା କହିଛନ୍ତି। ଏଥିରେ ବ୍ୟାଙ୍କ୍ ଗ୍ରାହକମାନେ ସାମିଲ ହୋଇ ୟୋନୋ ସେବା ସମ୍ପର୍କରେ ଅବଗତ ହୋଇଥିଲେ।

# କୀର୍ତ୍ତନ, ରୋଷଣି ମଧ୍ୟରେ ସରିଲା ମେଳଣ


ନାକପୋଲ ମେଳଣରେ ହୋଲି ଖେଳ ପରେ ବିରାଜମାନ ବିମାନ।

**ଧର୍ମଶାଳା,୧୨।୩(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକରେ ବିଭିନ୍ନ ସ୍ଥାନରେ ରାଧକୃଷ୍ଣଙ୍କ ମିଳନପର୍ବ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ନାକପୋଲଠାରେ ମଙ୍ଗଳବାର ସନ୍ଧ୍ୟାରେ ମେଳଣ ଅନୁଷ୍ଠିତ ହୋଇ ବୁଧବାର ଶେଷ ହୋଇଛି। ଏଥିରେ ଗଙ୍ଗାଧରପୁରର ଠାକୁର ଥାନପତି ଭାବେ ଯୋଗ ଦେଇଥିଲେ। ଏଥିରେ କଣିପାଟିଆ, ଗୋପାଳପୁର, ବଙ୍ଗାଳିସାହି, ବାଜବାଟୀ, ଉଡିମରା ଓ ଗଡ଼ମଧୁପୁର ଠାକୁର ସମେତ ୩୦ ଟି ବିମାନ ଯୋଗଦେଇ କୀର୍ତ୍ତନ ଓ ବାଜାବାଣ ସହ ରୋଷଣୀରେ ଆସି ଚାରାରେ ବିରାଜମାନ ହୋଇଥିଲେ। ନାକପୋଲ ମେଳଣ କମିଟି ପକ୍ଷରୁ ଠାକୁରଙ୍କୁ ଭୋଗ ଖୁଆଇ ବିଦା କରାଯାଇଥିଲା। ସେହିପରି ମଙ୍ଗଳବାର ରାତିରେ ଏହି ବ୍ଲକ ଅନ୍ତର୍ଗତ ଚୋରମୁହାଁ ନଣ୍ଡାମହାଦେବ ମେଳଣ ଓ ୧୧ତାରିଖ ବୁଧବାର ସୁନ୍ଦରିଆ, ନେଉଳପୁର ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ସ୍ଥାନରେ ଜନସମାଗମକୁ ଦେଖି ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବଡ଼କାଏମା ଓ ମାଳହାଟ ମେଳଣ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଧର୍ମଶାଳା ମୁନ୍‌ସୀ ମେଳଣ ଗୁରୁବାର ରାତିରେ ଅନୁଷ୍ଠିତ ହେବ। ଏହି ମେଳଣରେ ୫୦ରୁ ଊର୍ଦ୍ଧ୍ୱ ଓ ଶତାଧିକ ଛୋଟ ବିମାନ ଯୋଗଦେବେ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି ବୋଲି କମିଟି ସଭାପତି ତଥା ଥାନା ଅଧିକାରୀ ସରୋଜ କୁମାର ସାହୁ, ସମ୍ପାଦକ ଜଳଧର ମହାନ୍ତି ଓ ସହସମ୍ପାଦକ ପ୍ରମୋଦ କୁମାର ଦାସ ସୂଚନା ଦେଇଛନ୍ତି।

# ପଙ୍କଜେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୋରେଇ,୧୨।୩ (ସ୍ୱ.ପ୍ର)**

୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପଥରପଦା ପଞ୍ଚାୟତ ଅନ୍ତର୍ଗତ ବଡବରୁଣାଇପଦା(ନୂଆଗାଁ) ଗ୍ରାମର ପଙ୍କଜେଶ୍ୱର ମହାଦେବଙ୍କ ୩ୟ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସବୁଡ଼ା ପରେ ଯଜ୍ଞ ଓ ରିତୀନିତୀ ଅନୁଯାୟୀ ପୂଜାପାଠ କରାଯାଇଥିଲା। କର୍ତ୍ତାଭାବେ ବସନ୍ତ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ନିର୍ମଳା ବେହେରା ଯୋଗ ଦେଇଥିଲେ। ପୂଜକଭାବେ ବିଷ୍ଣୁଚରଣ ଉପାଧ୍ୟାୟ ଓ ଗଣେଷ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ତ୍ତିକ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବେହେରା, ଶତ୍ରୁଘ୍ନ ନାୟକ, ଧ୍ରୁବଚରଣ ବେହେରା, ନଟବର ଦାସ, ଶ୍ୟାମସୁନ୍ଦର ଦାସ, କେଶବ ଦାସ, ବଳରାମ ଦାସ, ଶଶିକାନ୍ତ ଦାସ, ସ୍ୱପ୍ନାନନ୍ଦ ଦାସ, ନୀଳମଣି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନଦୀରେ ବୁଡ଼ି ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

**ରସୁଲପୁର,୧୨।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥିବା କୁଳମଣୀ ପରିଡ଼ାଙ୍କ ପୁଅ ଚିରଞ୍ଜିବୀ(୧୩) ଗୁରୁବାର ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଚିରଞ୍ଜିବୀ ଗୁରୁବାର ସକାଳେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା କାରଣରୁ ତାଙ୍କ ଗୋଡ଼ ଗଭୀର ଜଳ ମଧ୍ୟକୁ ଖସି ଯାଇଥିଲା। ସେ ପହଁରିବା ଜାଣି ନ ଥିବାରୁ ବୁଡ଼ି ଯାଇଥିଲେ। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ନଦୀର ଗାଧୁଆ ତୁଠକୁ ଯାଇଥିଲେ। ସେଠାରେ ଚିରଞ୍ଜିବୀଙ୍କ ଚପଲ ଓ ଲୁଗା ଥୁଆହୋଇଥିବା ଦେଖି ପରିବାର ଲୋକେ ପାଣି ଭିତରେ ପ୍ରାୟତଃ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ବହୁ ଖୋଜାଖୋଜି କରିଥିଲେ। ବହୁ ସମୟ ପରେ ପାଣିରୁ ପୁଅକୁ ସଂଜ୍ଞାହୀନ ଭାବେ ଉଦ୍ଧାର କରି ସ୍ଥାନୀୟ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଧର୍ମଶାଳା ଥାନା ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବଡ଼ଚଣାକୁ ପଠାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ମୋତିଆ ବିନ୍ଦୁ ଚିହ୍ନଟ ଶିବିର

**ରସୁଲପୁର, ୧୨।୩(ଡି.ଏନ୍.ଏ.)**



ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନସ୍ଥିତ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ପରିସରରେ ଗୁରୁବାର ରସୁଲପୁରର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ଜାରକାସ୍ଥିତ ଭୂମିକା ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞମାନେ ଶିବିରରେ ଯୋଗଦେଇ ଚକ୍ଷୁ ମସସ୍ୟା ନେଇ ଆସିଥିବା ଲୋକଙ୍କ ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ମୋତିଆ ବିନ୍ଦୁ ରୋଗର ଶିକାର ହୋଇଥିବା ରୋଗୀଙ୍କୁ ଜାରକାଠାରେ ଅସ୍ତ୍ରୋପଚାର କରାଯିବା ସହ ସେମାନଙ୍କୁ ଠିକଣା ସ୍ଥାନରେ ଆଣି ଛାଡ଼ି ଦେବାକୁ ସୂଚନା ଦିଆଯାଇଛି। ଏସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ରୋଗ ପାଇଁ ବିଜୁ କୃଷକ କଲ୍ୟାଣ ଯୋଜନା ଜରିଆରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଶିବିରାର୍ଥୀଙ୍କୁ ଜଣାଇ ଦିଆଯାଇଛି। ଏଥିସହ ମଧୁମେହ, ରକ୍ତଚାପ, ହୃଦ୍‌ଜନିତ ସମସ୍ୟା ନେଇ ଆସିଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଉକ୍ତ ରୋଗୀଙ୍କୁ ଜନଔଷଧି କେନ୍ଦ୍ରରୁ ଶତକଡା ୫୦ ରୁ ୮୦ ଭାଗ ରିହାତିରେ ଔଷଧ ପ୍ରଦାନ କରାଯାଇଥିଲା। ବିଶେଷକରି ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ଶିବିରରେ ଶତାଧିକ ବୃଦ୍ଧାବୃଦ୍ଧ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସୁବ୍ରତ ଦ୍ୱିବେଦୀ ଶିବିର ପରିଚାଳନା କରିବାରେ ସହଯୋଗ କରିଥିଲେ।

# ରସୁଲପୁର ବ୍ଲକରେ ଦୋଳପର୍ବ ପାଳିତ

**ରସୁଲପୁର,୧୨।୩(ଡି.ଏନ୍.ଏ.)**



ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୋପାଳ ସମ୍ପ୍ରଦାୟ ପକ୍ଷରୁ ଦୋଳପର୍ବ ଖୁବ୍ ଧୁମ୍‌ଧାମର ସହ ପାଳନ କରାଯାଉଛି। ବାହାଦଲାପୁର ପଞ୍ଚାୟତ ଓରାଳି ଗ୍ରାମରେ ଏହି ପର୍ବ ୫ଦିନ ବ୍ୟାପି ପାଳନ କରାଯାଉଛି। ଏଥିସକାଶେ ଗ୍ରାମ ବେଶ୍ ଉତ୍ସବମୁଖର ହୋଇଉଠିଛି। ଏହି ପର୍ବ ଅବସରରେ ପ୍ରତ୍ୟେକ ଘରେ କଳସ ସ୍ଥାପନ କରାଯାଇ ପ୍ରଭୂ ରାଧାକୃଷ୍ଣଙ୍କୁ ପୂଜା କରାଯାଉଛି। ରାଧାକୃଷ୍ଣ ହେଉଛନ୍ତି ପ୍ରତ୍ୟେକ ଗୋପାଳ ସମ୍ପ୍ରଦାୟର ଆରାଧ ଦେବତା ବୋଲି ପୁରାଣ ବର୍ଣ୍ଣିତ। ଏହି ପାରମ୍ପରିକ ପୂଜା ନିମନ୍ତେ ଗ୍ରାମ ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ଘଟ ସ୍ଥାପନ କରାଯାଉଛି। କଳସ ଶୋଭାଯାତ୍ରା ସମୟରେ ଲଉଡି ଖେଳ, ଭଜନ ସଂକୀର୍ତ୍ତନ ସାମିଲ ହୋଇଥିଲା। ଏଥିସହ ଶୋଭାଯାତ୍ରାରେ ଗୋପାଳଙ୍କ ଓଗାଳ ଛାନ୍ଦ ଉଚ୍ଚାରଣ ଦର୍ଶକଙ୍କୁ ଆନନ୍ଦିତ କରିପାରିଛି। ଏହି ପୂଜା କାର୍ଯ୍ୟକୁ ଗ୍ରାମର ମୁରବୀ କେଶବ ପଲେଇ, ଚୈତନ୍ୟ ପଲେଇ, ଗିରିଧାରୀ ପଲେଇ, ଆଦିକନ୍ଦ ପଲେଇ, ଦ୍ୱିଜବର ପଲେଇ ପମୁଖ ପରିଚାଳନା କରୁଥିବାବେଳେ ପୂଜା କମିଟି ପକ୍ଷରୁ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହାଛଡ଼ା ଏହି ବ୍ଲକ ଅଞ୍ଚଳର ଭୋଟକା, ଇଚ୍ଛାପୁର, ବାରବାଟୀ, ପ୍ରଥମାଖଣ୍ଡି, ରାଜେନ୍ଦ୍ରପୁର, ରାହାମ୍ବା ଆଦି ସ୍ଥାନରେ ଏହି ପର୍ବକୁ ଖୁବ୍ ଧୁମଧାମର ସହ ପାଳନ କରାଯାଉଛି।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ

**ଯାଜପୁର ଟାଉନ,୧୨।୩ (ଡିଏନଏ)**

ଯାଜପୁର ସହରସ୍ଥିତ ଚମ୍ପାମଡ଼େଇ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ହରିସାମନ୍ତ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ନୃସିଂହ ଚରଣ ସାମନ୍ତ (୭୨)ଙ୍କର ବୁଧବାର ରାତିରେ ନିଜ ବାସଭବନରେ ମୃତ୍ୟୁ ଘଟିଛି। ସାମନ୍ତ ଜଣେ ମେଳାପି, ଆଦର୍ଶ ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଭାବେ ଯାଜପୁର ସହରରେ ବେଶ୍ ଜଣାଶୁଣା ଥିଲେ। କିଡନୀ ସମସ୍ୟା, ଉଚ୍ଚ ରକ୍ତଚାପ ତଥା ମଧୁମେହ ରୋଗରେ ପୀଡିତ ଥିଲେ। ତାଙ୍କ ଶବାଧାରରେ ପୂର୍ବତନ ଏମ୍‌ପି ଅଞ୍ଜଳ ଦାସ, ସନ୍ତୋଷ କୁମାର ନନ୍ଦ, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ହୃଷିକେଶ ପତି, ବଳଭଦ୍ର ଦାସ, ବିଭୂତି ମହାପାତ୍ର, ଭାସ୍କର ମହାନ୍ତ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ଶେଷ ଦର୍ଶନ କରି ଶୋକ ପ୍ରକାଶ କରିଛନ୍ତି।

# ବାଲିସାହି ମେଳଣ ପାଇଁ ପ୍ରସ୍ତୁତି

**ଜେନାପୁର,୧୨।୩(ଡି.ଏନ୍.ଏ.)**



ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ବାଘୁଆ ବ୍ରାହ୍ମଣୀ ଦେବୀଙ୍କ ପୀଠ ପରିସରରେ ଗୁରୁବାର ଅପରାହ୍ନରେ ବାଲିସାହି ପ୍ରସିଦ୍ଧ ମେଳଣ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବାଘୁଆ ବ୍ରାହ୍ମଣୀଦେବୀ ମେଳଣ କମିଟିର ସଭାପତି ବଟକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ୧୫ ତାରିଖ ରବିବାର ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ୪୮ତମ ବାର୍ଷିକ ମେଳଣ ଉତ୍ସବ ପାଳିତ ହେବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଧି ଅନୁସାରେ ପୂଜାର୍ଚ୍ଚନା ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ କମିଟି ପକ୍ଷରୁ ପାନୀୟ ଜଳ,ସ୍ୱାସ୍ଥ୍ୟସେବା,ଅଗ୍ନିଶମ ବାହିନୀ ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ କମିଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପାଣ୍ଡବ ବେହେରା, ଅକ୍ଷୟ ପ୍ରଧାନ, ଶ୍ରୀଧର ପରିଡ଼ା, ପ୍ରଫୁଲ୍ଲ ପ୍ରଧାନ, ବାଇଧର ସାହୁ, ରଘୁନାଥ ପ୍ରଧାନ, ଧ୍ରୁବାନନ୍ଦ ପାଳ, ପବିତ୍ର ସାହୁ, ଛବିନ୍ଦ୍ର ପାଳ, ରଘୁନାଥ ରାଉତ, କାଙ୍ଗାଳି ସେଠୀ, ବିକର୍ତ୍ତନ ପ୍ରଧାନଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଆରମ୍ଭ ହେଲା ପ୍ରାଣୀ ସମ୍ପଦ ସୁରକ୍ଷା ଅଭିଯାନ

**ରସୁଲପୁର,୧୨।୩(ଡି.ଏନ୍.ଏ.)**

ପ୍ରାଣୀଧନ ଜନଗଣନାକୁ ଅନୁଧ୍ୟାନ କଲେ ଗୋ-ସମ୍ପଦର ସଂଖ୍ୟା କ୍ରମଶଃ କମିବାରେ ଲାଗିଛି। ପ୍ରତ୍ୟେକ ପରିବାର ଗୋ-ସମ୍ପଦର ଗୁରୁତ୍ୱ ଉପଲବ୍ଧି କରିବାର ବେଳ ଆସିଛି। ତେବେ ଗୋପାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ସହ ଗୋରୁଙ୍କ ସଂଖ୍ୟାରେ ବୃଦ୍ଧି ଘଟେଇବାରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ବିଭାଗ ପକ୍ଷରୁ ଗୋରୁଙ୍କ ସୁରକ୍ଷା ବାର୍ତ୍ତା ନେଇ ଲୋକଙ୍କ ନିକଟରେ ପହଞ୍ଚିଛି ଭ୍ରାମ୍ୟମାଣ ପ୍ରାଣୀଧନ ଚିକିତ୍ସା ଗାଡ଼ି। ରସୁଲପୁର ବ୍ଲକରେ ଏଠାରେ ଗାଡ଼ିରେ ଟୀକା ସାମଗ୍ରୀ, ଅଭିଜ୍ଞ ପଶୁ ଡାକ୍ତର, ପ୍ରାଣୀ ସହାୟକଗଣ ପଶୁ ପାଳକଙ୍କ ଘରେ ପହଞ୍ଚି ସେମାନଙ୍କ ଗୋରୁଙ୍କୁ ମାଗଣାରେ ଫାଟୁଆ ଟୀକା ପ୍ରଦାନ କରିବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ଗୋରୁଙ୍କ ଯତ୍ନ ନେବା ସମ୍ପର୍କରେ ବୁଝାଇ କହିଛନ୍ତି। ଗାଇମାନଙ୍କଠାରେ କୃତ୍ରିମ ପ୍ରଜନନ ସମ୍ପର୍କରେ ସୂଚନା ଦିଆଯିବା ସହ ଏଥିରୁ ଚାଷୀଙ୍କୁ ମିଳୁଥିବା ଲାଭ ସମ୍ପର୍କରେ ଚାଷୀ ଓ ପଶୁପାଳକଙ୍କୁ ସଚେତନ କରାଯାଉଛି। ଗୋ-ସମ୍ପଦରେ ବୃଦ୍ଧି ଘଟାଇବା ଲକ୍ଷ୍ୟରେ ଏଭଳି କରାଯାଉଛି ବୋଲି ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ସାହୁ, ରସୁଲପୁର ସହକାରୀ ପ୍ରାଣୀଧନ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ସେଠୀ ପ୍ରକାଶ କରିଛନ୍ତି। ଏହି ସରକାରୀ ଯୋଜନାରୁ ପଶୁ ପାଳକମାନେ ଲାଭ ଉଠାଇବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ସୁବିଧା ଉପଲବ୍ଧ କରିବା ପାଇଁ ଭ୍ରାମ୍ୟମାଣ ଚିକିତ୍ସା ଶିବିରର ନିକଟରେ ଚାଷୀମାନଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା।


ଗୋରୁଙ୍କ ସୁରକ୍ଷା ବାର୍ତ୍ତା ନେଇ ବୁଲୁଥିବା ଭ୍ରାମ୍ୟମାଣ ଗାଡ଼ି।

**ଭ୍ରାମ୍ୟମାଣ ମାଗଣା ପ୍ରାଣୀ ଚିକିତ୍ସା**



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

ସିଂହପୁର,୧୨।୩(ଡିଏନଏ): ବିଂଝାରପୁର ବ୍ଲକ ସିଂହପୁର ଗ୍ରାମର ଆଲୋକ ବାରିକ, ବିନୋଦ ବାରିକଙ୍କ ଘରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ। ବିଞ୍ଝାରପୁରରୁ ଦୁଇଟି ଦମକଳ ଗାଡି ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ ସମସ୍ତ ଜିନିଷ ପୋଡ଼ି ଯାଇଥିଲା। ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଚୋରା ମଦ ଜବତ,୨ ଗିରଫ

କଳିଙ୍ଗନଗର,୧୨।୩(ଡିଏନଏ): ଦାନଗଦୀ ପୋଲିସ ୨ଜଣ ମଦ ବେପାରୀଙ୍କୁ ଗୁରୁବାର ରାତିରେ କେନ୍ଦୁଡ଼ିପି ଲେବଲକ୍ରସିଂ ନିକଟରୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଏକତାଳିର ଅନାମ ସାହୁ(୪୦) ଏବଂ ମହୁଲପାଳର ମଦନ ବେହେରା(୨୭)। ଅପରପକ୍ଷେ ଦାନଗଦୀ ପୋଲିସ ୪୦ଲିଟର ଦେଶୀ ମଦ ଏବଂ ଏକ ବାଇକ୍ (ନଂ ଓଡି ୦୬ବି ୮୭୫୭) ଜବତ କରିଛି। ଏହି ମଦ ବିକ୍ରି କରିବାକୁ ଉଭୟ ଭୁବନ ଅଞ୍ଚଳରୁ ମାରୁଟିକରକୁ ଆସୁଥିବା ସମୟରେ ପୋଲିସ ହାତରେ ଧରାପଡିଥିଲେ। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ।

### ବାଲିଚନ୍ଦ୍ରପୁର ଜଗନ୍ନାଥ ମେଲଣ ଉଦ୍‌ଯାପିତ



ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୨।୩(ଡିଏନଏ)- ବାଲିଚନ୍ଦ୍ରପୁର ବଜାରର ପ୍ରସିଦ୍ଧ ଜଗନ୍ନାଥ ମେଲଣ ଗୁରୁବାର ଉଦଯାପିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଲଣରେ ପ୍ରଥମେ ଥାନପତି ବାଲିଚନ୍ଦ୍ରପୁରର ରାଧାକାନ୍ତଜୀଉ ବିମାନ ପ୍ରବେଶ କରିବା ପରେ ଅନ୍ୟ ବିମାନଗୁଡ଼ିକ ପଡ଼ିଆ ମଧକୁ ପ୍ରବେଶ କରିଥିଲେ। ଏଥିରେ ରୁକୁଟିପାଟ, ନାନପୁର, ସୋରଳ, ମାଣିତ୍ରୀ, ଅସିଲା, ମାଟି ପାରିଲୋ, ବିଲିପଡ଼ା, ଆମ୍ବସୌରୀ, ପତରାଜପୁର, ଆଦି ବିଭିନ୍ନ ସ୍ଥାନରୁ ୧୬ଟି ବିମାନ ଯୋଗ ଦେଇଥିଲେ। ମେଲଣ ଅବସରରେ ଜଗନ୍ନାଥ ହାଟର ପୁରୋଧା ପୁରୀର ଭାଗୀରଥି ବଡ଼ପଣ୍ଡା ବିମାନଗୁଡ଼ିକୁ ସ୍ୱାଗତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମେଲଣ କମିଟି ତରଫରୁ ପ୍ରତାପ ଚନ୍ଦ୍ର ପରିଡ଼ା, ଧିରେନ୍ଦ୍ର ଚୌଧୁରୀ, ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା, ପ୍ରକାଶ ଚନ୍ଦ୍ର ସାମଲ, ନାରାୟଣ ପଣ୍ଡା, ବିଜୟ କୁମାର ପରିଡ଼ା, ସଂଗ୍ରାମ କେଶରୀ ପରିଡ଼ା, ଦାମୋଦର ମହାରଣା, କୃଷ୍ଣଚନ୍ଦ୍ର ସେଠୀ, ଧ୍ରୁବଚରଣ ରାଉତ ପ୍ରମୁଖ ମେଲଣ ପରିଚାଳନାରେ ସହଯୋଗ କରିଥିଲେ।

# ପାରାଭାଡ଼ି ପାହାଡ଼ରେ ବେଆଇନ ଖନନ

ଚଣ୍ଡିଖୋଲ,୧୨।୩(ଡିଏନଏ)

ପ୍ରାଚୀନ ବୌଦ୍ଧ କିର୍ତ୍ତୀରାଜି ପରିପୂର୍ଣ୍ଣ ପାରାଭାଡ଼ି ପାହାଡ଼ ଏବେ ବିପଦରେ। ଏହି ପାହାଡ଼କୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ହାତକୁ ନେଇଥିବାବେଳେ ଏଠାରୁ ବିଶ୍ୱପ୍ରସିଦ୍ଧ ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀର ଐତିହାସିକ ପାରାଭାଡ଼ି ସ୍ତୁପ ଆବିଷ୍କୃତ ହୋଇଥିଲା। କେବଳ ପାରାଭାଡ଼ି ସ୍ତୁପ ନୁହେଁ, ବୌଦ୍ଧ ଯୁଗୀୟ ହାତୀ ଗୁମ୍ଫା ସହ ବହୁ ପ୍ରାଚୀନ ମୂର୍ତ୍ତୀ ଆବିଷ୍କାର କରାଯାଇଥିଲା। ସେଥିପାଇଁ ସମ୍ପୃକ୍ତ ପାହାଡ଼ଟିକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ତରଫରୁ ସଂରକ୍ଷିତ ତାଲିକାରେ ରଖାଯାଇଛି। ଏହାବାଦ ଏହି ପାହାଡ଼ର କୌଣସି ସ୍ଥାନରୁ ଖନନ କରାଯାଇପାରିବ ନାହିଁ ବୋଲି ଜିଲା ପ୍ରଶାସନ ଓ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ରହିଛି। ଏହାସତ୍ତ୍ୱେ କେତେକ ପାହାଡ଼ ମାଫିଆ ଏଠାରୁ ବେଆଇନଭାବେ ଖନନ କରି ବାହାରକୁ ମୋରମ ଓ ବୋଲଡର ଚୋରା ଚାଲାଣ କରୁଛନ୍ତି। ଦର୍ପଣ ତହସିଲ ଅଧୀନ ୫୩ନଂ ଜାତୀୟ ରାଜପଥ କଡ଼ରେ ବନ୍ଦରେଶ୍ୱର ରାଜସ୍ୱ ଗ୍ରାମ ମଧ୍ୟରେ ରହିଛି ଏହି ପାରାଭାଡ଼ି ପାହାଡ଼। ଏହାକୁ ବନ୍ଦରେଶ୍ୱର ପାହାଡ଼ ବୋଲି ମଧ କୁହାଯାଏ। ପାହାଡ଼ ଶିଖରରେ ପ୍ରାଚୀନ ବୌଦ୍ଧ ସ୍ତୁପ ପାରାଭାଡ଼ି ରହିଥିବାବେଳେ ଏହାର ପାଦଦେଶରେ ଲଙ୍ଗୁଳି ମଠ ରହିଛି। ଗତ ୨୦୦୬ରେ ଏହି ପାହାଡ଼କୁ ଦର୍ପଣ ତହସିଲ ତରଫରୁ ଲିଜ ଦିଆଯାଇଥିବାବେଳେ ଏହାକୁ ବନ୍ଦ କରିବା ପାଇଁ 'ବୁଦ୍ଧାୟନ' ତରଫରୁ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହାର ବିଚାର କର ହାଇକୋର୍ଟ ଯାଜପୁର ଜିଲା ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ମିଳିତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମିଳିତ ଭାବେ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ପାହାଡ଼ରୁ ଆଦୌ ଖନନ କରାଯିବ ନାହିଁ ବୋଲି ତତ୍କାଳୀନ ଯାଜପୁର ଜିଲାପାଳ ଶାଶ୍ୱତ ମିଶ୍ର ହାଇକୋର୍ଟକୁ ଜଣାଇଥିଲେ। ଏହାପରେ ସମ୍ପୃକ୍ତ ପାହାଡ଼ର ଖନନ ବନ୍ଦ କରାଯାଇଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଏହାର ୨ଶହ ଏକର ରହିଥିବା ବେଳେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ଲଙ୍ଗୁଳି ମଠ ପାଇଁ ୫ଏକର ପରିମିତ ଜମି ରହିଛି। ଏହାର ପରିସୀମାରୁ ୨ଶହ ମିଟର ବାଦ ଦେବା ପରେ ପାହାଡ଼ର କୌଣସି ଅଂଶକୁ ଖନନ କରାଯାଇ ପାରିବ ନାହିଁ ବୋଲି ସେତେବେଳେ ହାଇକୋର୍ଟଙ୍କ ତରଫରୁ ନିର୍ଦ୍ଦେଶନାମା ମିଳିଥିଲା। ତେବେ ଏହି ପାହାଡ଼ର କୌଣସି ସ୍ଥାନ ଲିଜ ଦିଆଯାଇ ନ ଥିବାବେଳେ ଲଙ୍ଗୁଳି ମଠ ନିକଟରୁ ବେଆଇନଭାବେ ଖନନ କରି ଶହ ଶହ ଟ୍ରିପ ମୋରମ ଓ ବୋଲଡର ଚୋରା ଚାଲାଣ କରାଯାଉଛି। ଏଥିପ୍ରତି ପ୍ରଶାସନ ତରଫରୁ ଦୃଷ୍ଟି ଦିଆଯାଉ ନାହିଁ। ଏପରିକି ଏହାର ମାତ୍ର ୫ଶହ ମିଟର ଦୂରରେ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଥିବାବେଳେ ସେ କିପରି ଜାଣିପାରୁ ନାହାନ୍ତି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ଏହି ବେଆଇନ ଖନନକୁ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ପଚାରିବାରେ, ସମ୍ପୃକ୍ତ ପାହାଡ଼ର କୌଣସି ସ୍ଥାନ ଲିଜ ଦିଆଯାଇ ନାହିଁ। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



- ବିପଦରେ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ପାରାଭାଡ଼ି ପାହାଡ଼
- ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସଂରକ୍ଷିତ ତାଲିକାରେ ରହିଛି ଏହି ପାହାଡ଼
- ହାଇକୋର୍ଟଙ୍କ ବାରଣ ସତ୍ତ୍ୱେ ମୋରମ, ବୋଲଡର ହେଉଛି ଚୋରା ଚାଲାଣ

### ୨ ଦୋକାନରେ ଅଗ୍ନିକାଣ୍ଡ

ଚଣ୍ଡିଖୋଲ,୧୨।୩(ଡିଏନଏ)

ବଡଚଣା ଥାନା ପାଇକରାପୁର ଗ୍ରାମ ନିକଟରେ ଥିବା ଦୁଇଟି ଦୋକାନ ବୁଧବାର ରାତିରେ ପୋଡ଼ିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ବଡ଼ଘୁମୁରୀ ପଞ୍ଚାୟତ ଅନ୍ତର୍ଗତ ପାଇକରାପୁର ଗ୍ରାମର ପ୍ରଦୀପ ସାହୁ ଗ୍ରାମ ରାସ୍ତାକଡ଼ରେ ଏକ ଜଳଖିଆ ଓ ତେଜରାତି ଦୋକାନ କରିଥିଲେ। ବୁଧବାର ଦୋକନ ବନ୍ଦ କରି ଘରକୁ ଯାଇଥିବାବେଳେ ରାତିରେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବାବେଳେ ଦୋକାନରୁ କୌଣସି ଜିନିଷ ବାହାର କରାଯାଇ ପାରି ନଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇପାରି ନାହିଁ। କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ପ୍ରଦୀପ ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଘଟଣାର ତଦନ୍ତ କରୁଛି।

## 'ନଗଡ଼ା ବିକାଶରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ'

ଯାଜପୁର ଟାଉନ/କାଳିଆପାଣି ୧୨।୩(ଡିଏନଏ)

ନଗଡ଼ାର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ତେବେ ଏହାକୁ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ତୁଲାଉ ନାହାନ୍ତି। ନଗଡ଼ା ବିକାଶରେ ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ତେଣୁ ଆଗାମୀ ୭ ଦିନ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଗଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଗୁରୁବାର ନଗଡ଼ା ଗସ୍ତ ସମୟରେ ପ୍ରକାଶ କରିଛନ୍ତି। ନାୟକ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ, ଗ୍ରାମ୍ୟ ଜଳଯୋଗାଣ, ଅଙ୍ଗନୱାଡି କେନ୍ଦ୍ର ଇତ୍ୟାଦି ପରିଦର୍ଶନ କରିଥିଲେ। ନଗଡ଼ାକୁ ଯୋଗାଯୋଗ ରାସ୍ତାର ମରାମତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ମଧ ଏହି ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କାର୍ଯ୍ୟର ଅଗ୍ରଗତି ଆଦୌ ସନ୍ତୋଷଜନକ ନୁହେଁ ବୋଲି ବିରକ୍ତି ପ୍ରକାଶ କରିଥିଲେ। ଯଦି ସପ୍ତାହ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ ତେବେ ସମ୍ପୃକ୍ତ ବିଭାଗକୁ ଉତ୍ତରଦାୟୀ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାୟକ କହିଥିଲେ। ଏବେସୁଦ୍ଧା ନଗଡ଼ା ଲୋକଙ୍କ ବ୍ୟବହାରିକ ପରିବର୍ତ୍ତନ ଘଟିନାହିଁ ବୋଲି କହିବା ସହ ସରକାରୀ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ନଗଡ଼ାବାସୀଙ୍କ ପାଇଁ ପ୍ରସ୍ତୁତ ପାଇଖାନାଗୁଡିକ ବୁଲି ଦେଖିଥିଲେ। ବାରମ୍ବାର ଲୋକଙ୍କୁ ସଚେତନ କରାଯାଉଥିଲେ ମଧ ଶୌଚାଳୟକୁ କେହି ବ୍ୟବହାର କରୁ ନ ଥିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ପ୍ରକାଶ କରିଥିଲେ। ଏପରିକି ପାଣି ପଏଣ୍ଟ ନିକଟରେ ଅପରିଷ୍କାର ହୋଇଥିଲେ ମଧ ସ୍ଥାନୀୟ ବାସିନ୍ଦା ସେଗୁଡିକୁ ପରିସ୍କାର କରୁନାହାନ୍ତି। ଫଳରେ ଉପଜିଲାପାଳ ନିଜେ କୋଦାଳ, ସାବଳ ଧରି ସେହି ମାଟିଗୁଡ଼ିକୁ ତାଡ଼ିବା ଆରମ୍ଭ କରିବା ପରେ କେତେଜଣ ସ୍ଥାନୀୟବାସିନ୍ଦା ମଧ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ। ନିଜର ସ୍ୱାସ୍ଥ୍ୟ ଓ ସୁସ୍ଥ ପରିବେଶ ପାଇଁ ଉଦ୍ୟମ ନ କଲେ ବିକାଶ ବାଧାପ୍ରାପ୍ତ ହେବବୋଲି ଲୋକଙ୍କୁ ବୁଝାଇଥିଲେ। ପରେ ମହୁ ଚାଷ ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ବିଶେଷ କରି ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅପରପକ୍ଷେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପରିଷ୍କାର ପରିଚ୍ଛନ୍ନ ଓ ଜଳ ଜମିବା ସ୍ଥାନଗୁଡ଼ିକୁ ପରିଷ୍କାର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସ, ଜଳ ପରିମଳ ନିର୍ବାହୀ ଯନ୍ତ୍ରୀ ଅମୀୟ ପରିଡା, ଏପିଡି ମଧୁସ୍ମିତା ପୃଷ୍ଟି, ଡିଏମଏଫ୍‌ର ଟିମ୍ ଲିଡର ଶୁଭାଶିଷ କୁମାର, ଜୀବିକା ମିଶନର ଡିପିଏମ୍ ବକନକାନ୍ତ ମାହିରୀ, ଓଡ଼ିଶା ଖାଦ୍ୟ ଗ୍ରାମୋଦ୍ୟୋଗ ବୋର୍ଡର ପ୍ରତିନିଧି ଭୂପତି ନାୟକ, ଦାଶରଥି ରାଉତ, ଟ୍ରେନର ସୁଶାନ୍ତ ବେହେରା, ଡବ୍ଲ୍ୟୁଓ ସନ୍ତୋଷ ପତି ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ଜିଲାପାଳ ନାୟକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କାର୍ଯ୍ୟ ତ୍ୱରାନ୍ୱିତପାଇଁ ନିର୍ଦ୍ଦେଶ ଦେଇଥିଲେ।



ପାଣିପଏଣ୍ଟ ସ୍ଥାନକୁ ସଫେଇ କରାଯାଉଛି।

- ନଗଡ଼ା ଗସ୍ତ କରି କାର୍ଯ୍ୟର ସମୀକ୍ଷା କଲେ ଉପଜିଲାପାଳ
- ପାଣି ପଏଣ୍ଟ ନିକଟରେ ଜମିଥିବା ଆବର୍ଜନା ନିଜେ ସଫା କଲେ

## ସୁକିନ୍ଦା ବ୍ଲକର ୮କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

ଯାଜପୁର ଟାଉନ,୧୨।୩ (ଡିଏନଏ)

କାର୍ଯ୍ୟରେ ଅନିୟମିତତା ଓ ଦୁର୍ବଳ ପ୍ରଦର୍ଶନ ପାଇଁ ସୁକିନ୍ଦା ବ୍ଲକର ୮ଜଣ କର୍ମଚାରୀଙ୍କୁ ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଗୁରୁବାର କାରଣ ଦାର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୁକିନ୍ଦା ବ୍ଲକ କଅଁଳ ପଞ୍ଚାୟତର ଜିଆରଏସ ଧ୍ରୁବାନନ୍ଦ ମହାନ୍ତି, ଶାଳିଜଙ୍ଗାର ମନମୋହନ ସାହୁ, ଓଳେଇ ଅଞ୍ଚଳର ଅନ୍ନପୂର୍ଣ୍ଣା ମହାପାତ୍ର, ଲେମ୍ବୋର ରବିନ୍ଦ୍ର ମହାନ୍ତ, ଚିନ୍ମୟ ଦାସ, ସରଗଡ ଅଞ୍ଚଳର ଜଶବନ୍ତ ମଲିକ, ବନ୍ଧଗାଁ ଗ୍ରାମପଞ୍ଚାୟତର ଦିଗାମ୍ବର ମହାନ୍ତ ପ୍ରମୁଖ ଜିଆର୍‌ଏସ୍‌ଙ୍କୁ ଓ ଲେମ୍ବୋ ଅଞ୍ଚଳର ଡାଟା ଏଣ୍ଟ୍ରି ଅପରେଟର ସନ୍ତୋଷ କୁମାର ଜେନାଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ କରିବାରେ ଦୁର୍ବଳ ପ୍ରଦର୍ଶନ ଓ କାର୍ଯ୍ୟରେ ଅନିୟମିତତା ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ପ୍ରୀତିଙ୍କ ହାତ ଧରିଲେ ଝିଲିକ





ବାଳାଶ୍ରମରେ ପ୍ରୀତିରଞ୍ଜନ ଓ ଝିଲିକ୍ ପିଲାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

କଳିଙ୍ଗନଗର,୧୨।୩(ଡିଏନଏ)

ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଓରଫ ଡାନୀଙ୍କ ନିର୍ବନ୍ଧ ଓ ବିବାହକୁ ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ସତ ହୋଇଛି। ସୁକିନ୍ଦା ତଥା ରାଜ୍ୟବାସୀଙ୍କ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ବଙ୍ଗୀୟ ତଥା ଓଲିଉଡ୍ ଅଭିନେତ୍ରୀ ଝିଲିକ ଓ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ। ଚିଲିକାରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିବାବେଳେ ଏହି ବିବାହ ଖୁବ୍ ଗୋପନୀୟଭାବେ ହୋଇଥିବା ଜଣାପଡ଼ିଛି। ବିବାହ ଉତ୍ସବରେ ଘଡେଇ ପରିବାରର ହାତ ଗଣତି କେତେଜଣ ବିଶ୍ୱସ୍ତ ଲୋକ ଓ ଡାନୀଙ୍କ ବାପା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ମା' ପ୍ରତିମା ଘଡ଼େଇ ଉପସ୍ଥିତ ଥିଲେ। ବିବାହ ପରେ ଗୁରୁବାର ଝିଲିକ ଓ ଡାନୀ ଭୁବନେଶ୍ୱରସ୍ଥିତ ଏକ ବାଳାଶ୍ରମ ଯାଇ ପିଲାଙ୍କ ସହ କିଛି ସମୟ ବିତାଇବା ପରେ ମିଠା ବାଣ୍ଟିଥିଲେ। ଏହାପରେ ଡାନୀ ନିଜର ଏକ ମାସର ଦରମା ପିଲାଙ୍କ ନିମନ୍ତେ ଚେକ ମାଧ୍ୟମରେ ଦେଇଥିଲେ।

## ଜଳ ଯୋଗାଣ ଦାବିରେ ଜିଲା ପରିଷଦ ସଦସ୍ୟାଙ୍କ ଧାରଣା

ଚଣ୍ଡିଖୋଲ,୧୨।୩(ଡିଏନଏ)

ବଡଚଣା ବ୍ଲକ ଶାସନ ପୁରୁଷୋତ୍ତମପୁର ମୌଜାର ସଞ୍ଜୟନଗର ଆଦିବାସୀ ସାହିରେ ପାଣି ସମସ୍ୟା ଦୀର୍ଘଦିନ ହେଲା ଲାଗିରହିଛି। ବଡ଼ଚଣା ପଞ୍ଚାୟତର ସଞ୍ଜୟନଗର ୨ନଂ ୱାର୍ଡ ଏକ ପାର୍ବତ୍ୟାଞ୍ଚଳ ହୋଇଥିବାରୁ ଏଠାରେ ସର୍ବଦା ଜଳସଂକଟ ଦେଖାଦେଇଥାଏ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜଳ ଓ ପରିମଳ ବିଭାଗର ଅନୁମୋଦନକ୍ରମେ ପଞ୍ଚାୟତ ମାଧ୍ୟମରେ ପ୍ରତ୍ୟକ ୱାର୍ଡକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାର ନିୟମ ରହିଛି। ତେବେ ଗତ ତିନିବର୍ଷ ତଳେ ଏହି ଗ୍ରାମରେ ୫ଲକ୍ଷ ଟଙ୍କା ବ୍ୟୟରେ ପାନୀୟଜଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏପର୍ଯ୍ୟନ୍ତ ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଏହି ଗ୍ରାମର ପାନୀୟ ଜଳ ପାଇଁ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତୁରନ୍ତ ସମ୍ପୃକ୍ତ ୱାର୍ଡ଼କୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରି ଗୁରୁବାର ଜିଲା ପରିଷଦ ସଦସ୍ୟା ସୁମତୀ ବାସ୍କେଙ୍କ ନେତୃତ୍ୱରେ ବୁଦ୍ଧିରାମ ବିଶ୍ୱାଳ, ବବିତା ବେହେରା, ଉଦୟ ହାଂସଦାଙ୍କ ସମେତ ବହୁ ଆଦିବାସୀ ପରିବାର ଧାରଣାରେ ବସିଥିଲେ। ବଡ଼ଚଣା ସରପଞ୍ଚ ସଂଘ ସଭାପତି ଆଶିଷ ରଞ୍ଜନ ଚୌଧୁରୀ ଓ ଉପସଭାନେତ୍ରୀ ହରପ୍ରିୟା ବରାଳ ଧାରଣାସ୍ଥଳରେ ପହଞ୍ଚି ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପଡ଼ିଆକୁ ଓହ୍ଲାଇବେ ଓଲିଉଡ୍ ତାରକା

ଯାଜପୁରରୋଡ,୧୨।୩(ଡି.ଏନ.ଏ)

**୧୭ରୁ ହୋଣ୍ଡା କଳିଙ୍ଗନଗର ପ୍ରିମିୟର ଲିଗ୍**

କଳିଙ୍ଗନଗର ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡିୟମରେ ୩ୟ ହୋଣ୍ଡା କଳିଙ୍ଗନଗର ପ୍ରିମିୟମ ଲିଗ୍ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୧୭ରୁ ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମର କ୍ରୀଡ଼ାସୂଚୀ ଚୂଡ଼ାନ୍ତ ହୋଇସାରିଛି। ଉଦ୍‌ଘାଟନୀ ଉତ୍ସବ ଦିନ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚଟି ଓଲିଉଡ ତାରକାଙ୍କ ଦଳ(ସେଲିବ୍ରିଟି ୱାରିଅର୍ସ) ସହ କେପିଏଲ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ଓଲିଉଡ ଏକାଦଶ ତରଫରୁ ଅଭିନେତା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଅଧିନାୟକ ରହିଥିବାବେଳେ ଅନେକ ଆଗଧାଡିର ଅଭିନେତ୍ରୀ ଅଭିନେତା ମ୍ୟାଚରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଉଦଘାଟନୀ ଦିବସରେ ତେଜ ହୋଣ୍ଡା ତରଫରୁ ନୂତନ ଆକ୍ଟିଭା ୬ଜି ଗାଡ଼ି ଲଞ୍ଚ୍ କରାଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ତେଜ ହୋଣ୍ଡା ମାଲିକ ରାକେଶ କୁମାର ରାଉତ ନିଷ୍ପତ୍ତି ନେଇଛନ୍ତି। ଓଲିଉଡ ନାୟିକା ଅର୍ଚ୍ଚିତା ସାହୁ ଓ ଅଭିନେତା ସିଦ୍ଧାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ପରେ ସୋନମ୍ ଦାସ ଓ ତିଲକ୍ ଚକ୍ରବର୍ତ୍ତୀଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ରଖାଯାଇଛି। ଖେଳର ସ୍କୋର ଅନଲାଇନ୍ ମାଧ୍ୟମରେ ଦେଖିହେବ। ଏହି ଆପ୍‌ର ନାମ କ୍ରିକ୍ ହିରୋଜ୍ ରହିଛି। ୧୮ ତାରିଖରେ ପ୍ରଥମ ମ୍ୟାଚ୍ ଦିବା ୪ ଘଟିକା ବ୍ୟାସଦେବ ଚ୍ୟାଲେଞ୍ଜର ଯୋଦ୍ଧାବର ଓ ଦାସ୍ ଡେୟାର୍ ଡେଭିଲସ୍, ଦାନଗଦି ମଧ୍ୟରେ ହେବାକୁ ଥିବାବେଳେ ୧୯ ଓ ୨୦ ମଧ ବିଭିନ୍ନ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଦୁଇଟି ସେମିଫାଇନାଲ ମ୍ୟାଚ୍ ୨୧ ତାରିଖରେ ଖେଳାଯିବ। ମେଗା ଫାଇନାଲ ୨୨ ତାରିଖରେ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳିଙ୍କୁ ତେଜ୍ ହୋଣ୍ଡା ତରଫରୁ ଏକ ହୋଣ୍ଡା ନାଭି ଓ ଫାଇନାଲରେ ମ୍ୟାନ ଅଫ ଦି ମ୍ୟାଚ୍ କୁ ଏକ ଏଲିଇଡି ଟିଭି ପୁରସ୍କାର ଦିଆଯିବ ବୋଲି ଏକାଡେମୀର ସମ୍ପାଦକ ସମ୍ବିତ ମହାନ୍ତି ଜଣାଇଛନ୍ତି।

## ପ୍ରହସନ ପାଲଟିଛି ପ୍ଲାଷ୍ଟିକମୁକ୍ତ ଅଭିଯାନ

ରତ୍ନଗିରି,୧୨।୩(ଡିଏନଏ)

ପରିବେଶକୁ ପଲିଥିନ ଓ ପ୍ଲାଷ୍ଟିକ୍ ମୁକ୍ତ କରାଯିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ବରୀ ଅଞ୍ଚଳରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଏହି ଅଞ୍ଚଳର ବାଲିଆ, ରତ୍ନଗିରି, କାଇପଡ଼ା, ବରୀ ପ୍ରଭୃତି ଅଞ୍ଚଳରେ କୁଢକୁଢ ପ୍ଲାଷ୍ଟିକ୍, ପାଣି ବୋତଲ, ପଲିଥିନ ପଡ଼ିରହିଛି। ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପ୍ରଥମେ ଆଇନ କଡ଼ାକଡ଼ି କରାଯାଇଥିଲା। ଫଳରେ ବ୍ୟବସାୟୀମାନେ ଭୟରେ ପଲିଥିନ ବ୍ୟବହାର କରୁ ନ ଥିଲେ। ଏହାପରେ ଧୀରେଧୀରେ ଲୁଚାଛପାରେ ପଲିଥିନ ବ୍ୟବହାର ଚାଲିଥିଲା। ପଲିଥିନ ବ୍ୟବହାରକାରୀ ଓ ବିକ୍ରେତାଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସେମାନେ ଖୁଲମଖୁଲା ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ପଲିଥିନ ବ୍ୟବହାର ବ୍ୟବହାର ଉପରେ ୨୦୦୪ରେ ଅଙ୍କୁଶ ଲଗାଇଥିଲେ। ସରକାରୀ ନିୟମ ମୁତାବକ କୌଣସି ବ୍ୟବସାୟୀ ୨୦ ମାଇକ୍ରେନରୁ କମ୍ ମୋଟେଇର ପଲିଥିନ ବ୍ୟବହାର କରିପାରିବେ ନାହିଁ ବୋଲି ନିୟମରେ ଉଲ୍ଲେଖ ରହିଛି। ପ୍ରଥମେ ଏହି ନିୟମ ସହରାଞ୍ଚଳରୁ ଲାଗୁ କରାଯାଇ ପରବର୍ତ୍ତୀ ସମୟରେ ଗ୍ରାମାଞ୍ଚଳରେ ମଧ କଡାକଡି ଭାବେ ପାଳନ କରିବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସରକାରଙ୍କ ତରଫରୁ ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଏହି ନିୟମ କଡାକଡିଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ତାହାର କୌଣସି ପ୍ରଭାବ ବରୀ ଅଞ୍ଚଳରେ ଦେଖିବାକୁ ମିଳିନାହିଁ। ପ୍ରଶାସନ ଦ୍ୱାରା ପଲିଥିନର ଉତ୍ପାଦନ, ଯୋଗାଣ, ମହଜୁଦୀକରଣ ଓ ବ୍ୟବହାର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବ୍ୟବସାୟୀମାନେ ଖୁଲମଖୁଲାଭାବେ ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ପାନ ଦୋକାନୀଠାରୁ ଆରମ୍ଭ କରି ପରିବା ଦୋକାନୀ, ତେଜରାତି ଦୋକାନୀ, ମାଛ ଓ କପଡ଼ା ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତେ ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ରାସ୍ତାକଡ଼, ଜନବସତି, ଚିକିତ୍ସାଳୟ ଓ ନଦୀପଠା ଆଦି ସ୍ଥାନରେ ବିକ୍ଷିପ୍ତଭାବେ ପଲିଥିନ ଓ ପ୍ଲାଷ୍ଟିକ ପଡ଼ିଥିବା ଦେଖିବାକୁ ମିଳୁଛି। ପ୍ଲାଷ୍ଟିକ୍ ବ୍ୟବହାରକାରୀଙ୍କ ପ୍ରତି ଆଇନରେ କଠୋର ଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଥିଲେ ମଧ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏହି ଆଇନ୍‌ର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ତରଫରୁ ସ୍କ୍ୱାର୍ଡ ଗଠନ କରି ଚଢାଉ କରାଯିବାର ଆବଶ୍ୟକତା ଥିଲାବେଳେ ଅଦ୍ୟାବଧି ଜିଲା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଦୃଷ୍ଟାନ୍ତମୂଳକଭାବେ ନିଆଯାଉ ନାହିଁ। ଫଳରେ ପଲିଥିନ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ପ୍ରଶାସନର ଆନ୍ତରିକତା ନ ଥିବା କୁହାଯାଉଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର କରାଯାଉଥିବା ପଲିଥିନଗୁଡିକ ଦୂରାରୋଗ୍ୟ କ୍ୟାନସର ସୃଷ୍ଟିର ମୁଖ୍ୟ କାରଣ ହୋଇଥିବାବେଳେ ଏଗୁଡିକ ଡ୍ରେନ କିମ୍ବା ରାସ୍ତାରେ ପଡ଼ିରହୁଥିବାରୁ ନର୍ଦ୍ଦମା ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଏହା ସହିତ ବୁଲା ଗୋରୁ ଓ କୁକୁର ଏହି ପଲିଥିନ ଓ ପ୍ଲାଷ୍ଟିକ ଖାଇବା ଯୋଗୁ ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି। ଏହା ଉପରେ ଗୁରୁତ୍ୱ ଦେଇ ଯାଜପୁର ଜିଲା ପ୍ରଶାସନ ବେଆଇନଭାବେ ମହଜୁଦକାରୀ, ରପ୍ତାନୀକାରୀ ଓ ବ୍ୟବହାର କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



- ଖୁଲମଖୁଲା ହେଉଛି ପଲିଥିନ ବ୍ୟବହାର
- ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଟାୱାର କର୍ମଚାରୀ ଆହତ

**ଜଗତ୍‌ସିଂହପୁର ଅଫିସ, ୧୨।୩:** ସ୍ଥାନୀୟ ପୁରୋହିତପୁର ନିକଟ ନନ୍ଦମଣୀସ୍ଥିତ ଏଟିସି କମ୍ପାନୀ ଟେଲିଫୋନ୍ ଟାୱାରରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଟାୱାର କର୍ମଚାରୀ ଅଜିତ ବିଶ୍ୱାଳ ଓରଫ କୁଲୁ ବିଦ୍ୟୁତ ଆଘାତରେ ଆହତ ହୋଇଛନ୍ତି। ଉପସ୍ଥିତ ଲୋକମାନେ ତାଙ୍କୁ ବାଉଁଶ ସାହାଯ୍ୟରେ ଉଦ୍ଧାର କରିବାରୁ ସେ ସମ୍ଭାବ୍ୟ ପରିସ୍ଥିତିରୁ ବର୍ତ୍ତି ଯାଇଥିଲେ। ତେବେ ତାଙ୍କୁ ସଙ୍ଗେସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସୂଚନା ମୁତାବକ, ଟାୱାର ପାର୍ଶ୍ୱ ଟ୍ରାନ୍ସଫର୍ମର ଖରାପ ଥିବାରୁ ମରାମତି ପାଇଁ କମ୍ପାନୀ ତରଫରୁ ବିଦ୍ୟୁତ୍ ବିଭାଗକୁ ସୂଚନା ଦିଆଯାଇ ନ ଥିଲା। କୁଲୁ ଟାୱାର ମରାମତି ପାଇଁ ଚଢ଼ିଥିଲେ। ଏହା ଭିତରେ ହଠାତ୍ ବିଦ୍ୟୁତ ସରବରାହ ବିଭ୍ରାଟ ହୋଇଯାଇଥିଲା। ପରେ ଜଣାପଡିଥିଲା ଯେ, କୁଲୁ ବିଦ୍ୟୁତ ଆଘାତ ପାଇ ଆହତ ହୋଇଛନ୍ତି। ତେବେ ଏ ସମ୍ପର୍କରେ ପୂର୍ବରୁ ବିଦ୍ୟୁତ ବିଭାଗକୁ ସୂଚନା ଦିଆଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ରୀମନ ଗୌରଦେବଙ୍କ ଜୟନ୍ତୀ

**ବାଲିକୁଦା, ୧୨।୩ (ସ୍ୱ.ପ୍ର.):** ଯୁଗାବତାର କଳିର ପ୍ରାଣକର୍ତ୍ତା ଶ୍ରୀମନ ଗୌରଦେବଙ୍କ ଜୟନ୍ତୀ କୃଷ୍ଣଦାସପୁର ପଞ୍ଚାୟତ ଭଉଁରିସ୍ଥିତ ଆର୍ତ୍ତତ୍ରାଣ ଗାଦିପୀଠରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀହରିନାମ ପଦଯାତ୍ରାର ଆୟୋଜନ କରାଯାଇ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏଥିରେ ଭଉଁରିର ଆର୍ତ୍ତତ୍ରାଣ ସଂକୀର୍ତ୍ତନ ମଣ୍ଡଳୀ ଓ ରାୟରପୁର ହନୁମାନ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତା ସହଯୋଗ କରିଥିଲେ। ସଂକୀର୍ତ୍ତନପ୍ରେମୀ ମାୟାଧର ସାହୁ, ବାବାଜୀ ତରାଇ, ଅଚ୍ୟୁତାନନ୍ଦ ଦାସ, ଅଦ୍ୱୈତ ଦାସ, ଅଶ୍ୱିନୀ ଦାସ, ଶରତ ଚନ୍ଦ୍ର ଜେନା, ମିହିର କୁମାର ଚୌଧୁରୀ, ସୁବ୍ରତ ମହାନ୍ତି ପ୍ରମୁଖ ନାମ ସଂକୀର୍ତ୍ତନରେ ସାମିଲ ଥିଲେ। ସଞ୍ଚାଳକ ଆର୍ତ୍ତବନ୍ଧୁ ଦାସ ଓ ଆବାହକ ମହେଶ ଚୌଧୁରୀ ସମସ୍ତ ସଂକୀର୍ତ୍ତନିଆ ଭାଇମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

### ସବୁଜ ସୁନ୍ଦର ହେବ ଗାଦିବ୍ରହ୍ମ ପୀଠ

**ଏରସମା, ୧୨।୩ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ପଏଦା ଗୋଠ ମେଳଣ ପଡିଆଠାରେ ଥିବା ଗୋବର୍ଦ୍ଧନ ଗାଦିବ୍ରହ୍ମ ପୀଠ ପରିସରରେ ଗୁରୁବାର ସ୍ଥାନୀୟ ସିଆର୍‌କେ ବିଦ୍ୟାପୀଠର ୨୦୦୫ ବ୍ୟାଚ୍ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ବାବା ମଦନମୋହନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ଉକ୍ତ ପୀଠକୁ ସବୁଜ ସୁନ୍ଦର କରିବାକୁ ନିଷ୍ପତ୍ତି ନେଇଥିଲେ। ସଭାରେ ଅମରେଶ ସ୍ୱାଇଁ, ସୁକାନ୍ତ ସ୍ୱାଇଁ, ନାରାୟଣ ରାଉତ, ସ୍ନେହାଶିଷ ସ୍ୱାଇଁ, ଭଗ୍ୟଶ୍ରୀ ପରିଡା, ମେନକା ଦାସ, ଫାଙ୍କଲିନ ଦେବତା, ମିହିର ଦାସ, ସୌଦାମିନୀ ଦାସ, ହିମାଂଶୁ ମହାପାତ୍ର, ସବିତା ପଣ୍ଡା, ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ପତରପଡ଼ାରେ ଦୋଳଯାତ୍ରା

**ବାଲିକୁଦା, ୧୨।୩ (ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବରମୁଣ୍ଡଳି ପଞ୍ଚାୟତ ପତରପଡ଼ା ଦୋଳଗୋଠଠାରେ ଦୋଳଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ୭ ଦିନ ବ୍ୟାପୀ ଅନୁଷ୍ଠିତ ଯାତ୍ରା ଅବସରରେ ଭାଗବତ ପାରାୟଣ ଓ ଅଷ୍ଟମ ପ୍ରହର ନାମଯଜ୍ଞ ଆୟୋଜନ କରାଯାଇଥିଲା। ପୁରୀ ରାଧାବଲ୍ଲଭ ମଠର ମଠାଧୀଶ ବାବା ଶ୍ରୀଶ୍ରୀ ରାମକୃଷ୍ଣ ଦାସ ମହାରାଜ ଉତ୍ସବରେ ଯୋଗଦେଇଥିଲେ। ମଠାଧୀଶଙ୍କୁ ଆୟୋଜକ ମଣ୍ଡଳୀ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିଲେ। ବରମୁଣ୍ଡଳୀ ପଞ୍ଚାୟତର ସମସ୍ତ ଗୋପାଳ ଭାଇମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ଲଉଡି ନାଚ ଓ ଗୀତ ପରିବେଷଣ କରାଯାଇଥିଲା।

# ଜଗତ୍‌ସିଂହପୁରକୁ ସଚିବାଳୟ ସହ ଯୋଡ଼ିବ ଓସୱାସ୍

**ଜଗତ୍‌ସିଂହପୁର ଅଫିସ୍, ୧୨।୩**



କର୍ମଶାଳାରେ ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ।

**ସୂଚନା ଅଧିକାର ଆଇନ ଅଭିଯାନ କର୍ମଶାଳା**
- କମ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇପାରିବ ଫାଇଲ୍
- ଇ-ଅଫିସ୍‌ରେ ଓଡ଼ିଶାରେ ଜଗତ୍‌ସିଂହପୁର ମଡେଲ
- ଆର୍‌ଟିଆଇ ଓ ୫-ଟି କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବ
- ଆଗକୁ ଆର୍‌ଆଇ ଓ ପଞ୍ଚାୟତରେ କାର୍ଯ୍ୟକାରୀ ହେବ ଇ-ଅଫିସ

ସଚିବାଳୟରେ ଓସୱାସ୍ (ଓଡ଼ିଶା ସେକ୍ରେଟେରିଏଟ୍ ୱାର୍କଫ୍ଲୋ ଅଟୋମେଶନ୍ ସିଷ୍ଟମ୍) ମାଧ୍ୟମରେ ଫାଇଲ କାମ ହେଉଛି। ଖୁସିର କଥା ହେଲା, ଖୁବ କମ୍ ଦିନ ଭିତରେ ଅର୍ଥାତ୍ ଏପ୍ରିଲ ପହିଲାରୁ ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ଓସୱାସ୍ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାଦ୍ୱାରା ଜଗତ୍‌ସିଂହପୁରକୁ ସଚିବାଳୟ ସହ ଯୋଡିବା କ୍ଷେତ୍ରରେ ଓସୱାସ୍ ପ୍ରମୁଖ ଭୂମିକା ନିଭାଇବ। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦ୍‌ଭାବନା ସଭାଗୃହରେ ସୂଚନା ଅଧିକାର ଆଇନ ସମ୍ପର୍କିତ ସଚେତନତା କର୍ମଶାଳାରେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଆସନ୍ତା ଏପ୍ରିଲ ପରେ ଜିଲାର ସମସ୍ତ ପଞ୍ଚାୟତ ଓ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟକୁ ଇ-ଅଫିସ୍ ପରିସରଭୁକ୍ତ କରାଯିବ। ଇ-ଅଫିସ୍ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ରାଜ୍ୟରେ ଜଗତ୍‌ସିଂହପୁର ଜିଲା ମଡେଲ ସାଜିଛି। ଜଗତ୍‌ସିଂହପୁରକୁ ଦେଖି ଖୋର୍ଦ୍ଧା ଓ କଟକ ଜିଲା ଇ-ଅଫିସ୍ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେଇଛନ୍ତି। ଜଗତ୍‌ସିଂହପୁରରେ ଇ-ଅଫିସ କାର୍ଯ୍ୟକାରିତାକୁ ହୃଦ୍‌ବୋଧ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସମସ୍ତ ଜିଲାରେ ଏହା ୩ ମାସ ଭିତରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅଧିକାର ଅଧିନିୟମ ଓ ୫-ଟି କାର୍ଯ୍ୟକ୍ରମକୁ ସଫଳ କରିବା କ୍ଷେତ୍ରରେ ଇ-ଅଫିସ୍ ପ୍ରମୁଖ ଭୂମିକା ଗ୍ରହଣ କରିବା ଆଶା ରଖି ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଥିବା ଜିଲାପାଳ କହିଛନ୍ତି।

ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ କୁହାଯାଇଥିଲା, ଜଗତ୍‌ସିଂହପୁର ଜିଲାରେ ଇ-ଅଫିସ ସଫଳ ହେଉଛି। ଆଗକୁ ଜିଲାର ସମସ୍ତ ବ୍ଲକକୁ ଇ-ଅଫିସ ପରିସରଭୁକ୍ତ କରାଯିବ। ଏବେ ସୁଦ୍ଧା ଜିଲାର ୩୨ଟି ବିଭାଗରେ ଇ-ଅଫିସ କାର୍ଯ୍ୟକାରୀ ହୋଇସାରିଲାଣି। ଇ-ଅଫିସ ଦ୍ୱାରା ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧିପାଉଛି। ଏପ୍ରିଲରେ ଓସୱାସ୍ କାର୍ଯ୍ୟକାରୀ ହେବା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ କିଓସ୍କ ଲାଗିବ। ଏହାଦ୍ୱାରା ୫ ମିନିଟ୍ ମଧ୍ୟରେ ବିଭାଗଗୁଡିକରୁ ସୂଚନା ସର୍ବସାଧାରଣଙ୍କୁ ମିଳିପାରିବ। ଓସୱାସ୍ କାର୍ଯ୍ୟକାରୀ ହେଲା ପରେ କୌଣସି ଅଧିକାରୀଙ୍କୁ ଆଉ ଫାଇଲ ଧରି ସଚିବାଳୟ ଯିବାକୁ ପଡିବ ନାହିଁ। ଇ-ଅଫିସ୍ ଜରିଆରେ ଫାଇଲ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଯିବ। ଅନୁରୂପ ଭାବେ ଫାଇଲ ଫେରିବ। ଏହା ମଧ୍ୟ ସୂଚନା ଅଧିକାର ଆଇନକୁ ଅଧିକ ନିରାପଦ ଓ ଦୃଢ କରିପାରିବ। ରାଜ୍ୟ ସରକାର ଦୁର୍ନୀତିକୁ ଜିରୋ ଟଲେରାନ୍ସ ଭାବେ ଗ୍ରହଣ କରୁଥିବାରୁ ଇ-ଅଫିସ ବେଶ୍ ସହାୟକ ହୋଇପାରିବ। ସୂଚନା ଅଧିକାର ଆଇନ ଲାଗୁ ଦ୍ୱାରା କୋର୍ଟରେ ଜନସ୍ୱାର୍ଥ ମାମଲା ହ୍ରାସ ପାଇଛି। ଜିଲାରେ ସମସ୍ତ ଯୁଗ୍ମ ଜନ ଅଭିଯୋଗଗୁଡିକ ଡିଜିଟାଇଜେଶନ୍ କରାଯାଇଛି। ତେଣୁ ପ୍ରତ୍ୟେକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ ବୋଲି ଜିଲାପାଳ କହିଥିଲେ।

କର୍ମଶାଳାରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଯୋଗଦେଇ କହିଥିଲେ, ସୂଚନା ଅଧିକାର ଦ୍ୱାରା ସ୍ୱଚ୍ଛତା ବଢିବ। ପୂର୍ବରୁ ଯେଉଁଭଳି ନାଲିଫିତା ତଳେ ତଥ୍ୟ ଲୁଚି ଯାଉଥିଲା ତାହା ଆଉ ହେବନି। ଲୁମିନସ୍ ଇନ୍‌ଫୋୱେଜ୍‌ର ସାଧନ କର୍ମୀ ହର୍ଷବର୍ଦ୍ଧନ ପରିଚ୍ଛା ସ୍ୱେଚ୍ଛାକୃତ ସୂଚନା ପ୍ରଦାନ ଓ ଅନ୍‌ଲାଇନ୍ ମାଧ୍ୟମରେ ସୂଚନା ଆଦାନପ୍ରଦାନ ବିଷୟରେ ଅଧିକାରୀମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ସେହିପରି ଜନ ସୂଚନା ଅଧିକାରୀ, ଉପ ଜନସୂଚନା ଅଧିକାରୀ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ପ୍ରଶାସନିକ ବ୍ୟବସ୍ଥା, ସୂଚନା ଆବେଦନ ପତ୍ର ଗ୍ରହଣ ଓ ସୂଚନା ପ୍ରଦାନ ବିଷୟରେ ଗୋପାଳକୃଷ୍ଣ ମିଶ୍ର ଅବଗତ କରାଇଥିଲେ। ସୂଚନା ଅଧିକାର ସାଧନ କର୍ମୀ ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ, ଉପଜିଲାପାଳ ମାନସ ରଞ୍ଜନ ଭୋଇ, ଜିଲା ପରିଷଦ ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ଉପ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ, ବିଭିନ୍ନ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ, ସୂଚନା ଅଧିକାର ଆଇନ କର୍ମଶାଳା ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିବାବେଳେ ଅତିରିକ୍ତ ଜିଲାପାଳ ଧନ୍ୟବାଦ ଦେଇଥିଲେ।

ଘର ମାଲିକଙ୍କୁ ନ ଜଣାଇ ପାଚେରି ଭାଙ୍ଗିଲେ

## ଥାନାରେ ଅଭିଯୋଗ

**କୁଜଙ୍ଗ, ୧୨।୩ (ଡି.ଏନ୍.ଏ.)**

କୁଜଙ୍ଗ ଥାନା ଅଧୀନ ଗଣ୍ଡକିପୁର (କାବଲପୁର) ଗ୍ରାମର ପବିତ୍ର ସାମଲଙ୍କ ଘରବାରି ବେଆଇନ ଭାବେ ମାପ କରାଇବା ସହ ତାଙ୍କୁ ନ ଜଣାଇ ଘର ପାଚେରି ଭାଙ୍ଗିବା ସହ କେତେକ ଗଛ କାଟି ନିଆଯାଇଛି। ସେହି ଗ୍ରାମର ଜଣେ ଯୁବକ ଅନ୍ୟ କେତେଜଣଙ୍କୁ ମଦ୍ୟପାନ କରାଇବା ସହ ଉସୁକାଇ ଏପରି କରାଇଥିବା ପବିତ୍ରଙ୍କ ସ୍ତ୍ରୀ ବିମଳା ଗତ ୧୦ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପବିତ୍ରଙ୍କ ଘରବାରି ପ୍ଲଟ ରକବା ସାବକ ନକ୍ସାଠାରୁ ହାଲ ନକ୍ସାରେ ୧ଗୁଣ୍ଠ କମିଯାଇଛି। ତେବେ ନକ୍ସା ସଂଶୋଧନ ପାଇଁ ପବିତ୍ର କୋର୍ଟରେ ମକଦ୍ଦମା (ନଂ.୧୪୬/୧୯) କରିବା ସହ ଏ ନେଇ କୁଜଙ୍ଗ ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି। ମାତ୍ର ସମ୍ପୃକ୍ତ ଯୁବକ ରାଜନୈତିକ ଆକ୍ରୋଶ ରଖି ଅନ୍ୟ କେତେଜଣ ଯୁବକଙ୍କ ସହଯୋଗରେ ବେଆଇନ ଭାବେ ଏକତରଫା ମାପ କରି ପବିତ୍ରଙ୍କ ଘର ପାଚେରି ଭାଙ୍ଗିବା ସହ ଗଛ କାଟିଦେଇଥିଲେ। ଏ ନେଇ ପୂର୍ବରୁ ଥାନାରେ ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ପୁନର୍ବାର ହୋଲି ଦିନ ପବିତ୍ରଙ୍କ କେତୋଟି ଗଛ କଟାଇ ନେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ବିମଳା ପୁଣି ଗତ ୧୦ ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଥାନାଧିକାରୀ ଦିଲୀପ ସାହୁଙ୍କୁ ପଚାରିବାରେ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆବାସ ଯୋଜନାରୁ ୯ ଦଳିତ ପରିବାର ବଞ୍ଚିତ

**ରଘୁନାଥପୁର, ୧୨।୩ (ଡି.ଏନ.ଏ.)**

**ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁ**


ମମତାମୟୀ ସେଠୀ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ଯୋଜନାରେ ଗୃହ ଯୋଗାଇ ଦିଆଯାଉଛି। ଏଥିନିମନ୍ତେ ବ୍ଲକ ତଥା ଜିଲା ସ୍ତରରେ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜ୍ୟକୁ ତଥ୍ୟ ସମ୍ପର୍କରେ ଅବଗତ କରାଯାଇଛି। ତେବେ ତୃଣମୂଳସ୍ତରରେ ଚିହ୍ନଟ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ତ୍ରୁଟିପୂର୍ଣ୍ଣ ସର୍ଭେ କିମ୍ବା ଦୁର୍ନୀତି ଗ୍ରସ୍ତ ମନୋଭାବ ଯୋଗୁ ପ୍ରକୃତ ଚାଳ କୁଡିଆରେ ବସବାସ କରୁଥିବା ଗରିବ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁରେ। ୪ ନଂ. ୱାର୍ଡ ସଭ୍ୟା ମମତାମୟୀ ସେଠୀଙ୍କ ସମେତ ୯ ଦଳିତ ପରିବାର ପକ୍କା ଗୃହ ପାଇବାକୁ ଚାହିଁ ବସିଛନ୍ତି। ବିଭିନ୍ନ ସମୟରେ ପଲ୍ଲୀସଭାରେ ହେଉ କି ଦରଖାସ୍ତ ମାଧ୍ୟମରେ ଜଣାଇଥିଲେ ସୁଦ୍ଧା ସେମାନଙ୍କୁ ଉପେକ୍ଷିତ କରାଯାଉଛି। ଏ ସମ୍ପର୍କରେ ପ୍ରହ୍ଲାଦ ସେଠୀ, ରମେଶ ଚନ୍ଦ୍ର ସେଠୀ, ହୃଷୀକେଶ ସେଠୀ, ରତ୍ନାକର ସେଠୀ, ବିଷ୍ଣୁ ସେଠୀ, କେଦାର ସେଠୀ, ରବୀନ୍ଦ୍ର ସେଠୀ ଓ କୈଳାସ ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ୱାର୍ଡସଭ୍ୟା ମମତାମୟୀଙ୍କ ସ୍ୱାମୀ ଜଣେ ଦିନ ମଜୁରିଆ ହୋଇଥିବାବେଳେ ନିଜ ପରିବାର ପ୍ରତିପୋଷଣ କରିବା ତାଙ୍କ ପାଇଁ କାଠିକର ପାଠ ହେଉଛି। ଭଙ୍ଗା ଚାଳିଆରେ ପରିବାର ଲୋକେ ମୁଣ୍ଡ ଗୁଞ୍ଜି ଥିବାବେଳେ ବାସଗୃହ ଯୋଜନା ତାଙ୍କ ପାଇଁ ମୂଲ୍ୟହୀନ ହୋଇପଡିଛି ବୋଲି ୱାର୍ଡସଭ୍ୟାଙ୍କ ସ୍ୱାମୀ ଅକ୍ଷୟ କହିଛନ୍ତି। ସରକାରୀ ଗୃହଠାରୁ ଆରମ୍ଭ କରି ପାନୀୟଜଳ ପର୍ଯ୍ୟନ୍ତ ସବୁଥିରେ ଉକ୍ତ ୧୦ ପରିବାରଙ୍କୁ ଜାଣିଶୁଣି ଉପେକ୍ଷିତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଜଗତ୍‌ସିଂହପୁର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ ଶିଳ୍ପୋଦ୍ୟୋଗୀ ସପ୍ତାହ

**ବାଲିକୁଦା, ୧୨।୩ (ସ୍ୱ.ପ୍ର.)**

ବାଲିକୁଦାସ୍ଥିତ ଦେବୀ ଆଇଟିଆଇ ପରିସରରେ ଜିଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଳ୍ପୋଦ୍ୟୋଗୀ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା କୁଟୀର ଶିଳ୍ପ ଅଧିକାରୀ ଜଗମୋହନ ପତି, ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ଅଜିତ ପ୍ରସାଦ ଭୋଇ, ଆୟୋଜକ ଦେବୀ ଆଇଟିଆଇର ଅଧ୍ୟକ୍ଷ ଚିତ୍ତରଞ୍ଜନ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ। ଯୁବଗୋଷ୍ଠୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହିତ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ ହେବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା।

## ସଚେତନ ହୁଅ, କରୋନାଠାରୁ ଦୂରେଇ ରୁହ

**ରଘୁନାଥପୁର, ୧୨।୩ (ଡି.ଏନ.ଏ.)**

ସାରା ବିଶ୍ୱରେ କରୋନା ଭୂତାଣୁର ଭୟାବହତା ଦେଖାଦେଇଛି। ଏହାଠାରୁ ଦୂରେଇ ରହିବାକୁ ସତର୍କତା ଅବଲମ୍ବନ ଜରୁରୀକୁ ନେଇ ସଚେତନତା ପଦଯାତ୍ରା ରଘୁନାଥପୁର ସାଦେଇପୁର ଗାଁର ଯୁବକ ସଂଘ ପକ୍ଷରୁ ଗୁରୁବାର କରାଯାଇଛି। ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାକୁ ସ୍ଥାନୀୟ ଆଇଆଇସି ନିରଞ୍ଜନ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଗାଁର ଯୁବକମାନେ ପଦଯାତ୍ରାରେ ଯାଇ ସଚେତନ ହୁଅ କରୋନାଠାରୁ ଦୂରେଇ ରୁହ ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇଥିଲେ। ଏଥିରେ ଗିରିଜା ପ୍ରସାଦ ଷଡଙ୍ଗୀ, ଅକ୍ଷୟ କୁମାର ସାହୁ, ସ୍ୱରାଜ ଭୋଇ, ରବି ମଲ୍ଲିକ, ବାବୁଲି ନାୟକ, ବିଘ୍ନେଶ୍ୱର ପଣ୍ଡା, ରଞ୍ଜନ ଭୋଇଙ୍କ ସମେତ ଶତାଧିକ ବ୍ୟକ୍ତି ସାମିଲ ହୋଇ ଏ ସମ୍ପର୍କରେ ସଚେତନ କରାଇଥିଲେ।

## ଶିକ୍ଷକଙ୍କ ବଦଳି ପ୍ରତିବାଦ: ସ୍କୁଲରେ ତାଲା


ସ୍କୁଲ ଆଗରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ତିର୍ତ୍ତୋଲ, ୧୨।୩ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ କନିମୂଳ ପଞ୍ଚାୟତ ମିର୍ଜାପୁର ସରକାରୀ ଜନତା ଉ.ପ୍ରା. ବିଦ୍ୟାଳୟର ଶିକ୍ଷକ ସୁବ୍ରତ କୁମାର ବିଶ୍ୱାଳଙ୍କ ବଦଳି ପ୍ରତିବାଦରେ ଗୁରୁବାର ଅଭିଭାବକମାନେ ତାଲା ପକାଇ ଧାରଣାରେ ବସିଥିଲେ। ସୁପ୍ରଭା ସ୍ୱାଇଁ, ସନ୍ଧ୍ୟାରାଣୀ ଖଣ୍ଡୁଆଳ, ପୁଷ୍ପଲତା ଜେନା, ଭାରତୀ ମଲ୍ଲିକ, ଚୁନିଲତା ସେଠୀ, ପ୍ରମୋଦ ରାଉତ, ତପନ କୁମାର ମଲ୍ଲିକ, ରଞ୍ଜନ ରାଉତ, ପ୍ରଫୁଲ୍ଲ ସାମନ୍ତରାୟ, ବାବୁନା ମଲ୍ଲିକ, ପ୍ରେମାନନ୍ଦ ଦାସ, ଅନୁପମା କର, ଚିନ୍ମୟୀ ମହାନ୍ତି, ନବଘନ ଦାସ, ସମିର ଖଣ୍ଡୁଆଳ, ତୁଷାର କାନ୍ତ ପ୍ରଧାନ, ସସ୍ମିତା ମଲ୍ଲିକ, ଶୁଭସ୍ମିତା କର, ଆଦ୍ୟାଶା ସ୍ୱାଇଁ, ପ୍ରିୟଙ୍କା ମହାନ୍ତି, ଅନ୍ନପୂର୍ଣ୍ଣା ଦାସ, ଶ୍ରାବଣୀ ଜେନା, ଚିନ୍ମୟୀ ନାୟକ, ପରମଜିତ୍ ପ୍ରଧାନଙ୍କ ସମେତ ସ୍କୁଲର ଛାତ୍ରୀଛାତ୍ରମାନେ ଧାରଣାସ୍ଥଳରେ ବସି ରହିଥିଲେ। ଶିକ୍ଷକ ବିଶ୍ୱାଳଙ୍କୁ ବଦଳି କରା ନ ଯିବା ପାଇଁ ଦାବି କରି ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଏବିଇଓ ଅନନ୍ତ କିଶୋର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଏ ଦିଗରେ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପିପିଏଲ୍‌ରେ ସୁରକ୍ଷା ସପ୍ତାହ

**ପାରାଦୀପ, ୧୨।୩ (ସ୍ୱ.ପ୍ର.)**


ସୁରକ୍ଷା ସପ୍ତାହ ଅବସରରେ ଉଦ୍‌ଘାଟିତ ହୋଇଥିବା ସଚେତନତା ରଥ।

ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ୪୯ତମ ଜାତୀୟ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସପ୍ତାହ ବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ଏକ ସୁରକ୍ଷା ସଚେତନତା ରଥ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳରେ ବୁଲି ପ୍ରଚାର କରିଥିଲା। କାର୍ଯ୍ୟକ୍ରମରେ କାରଖାନା ଓ ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ, କାରଖାନା ପୂର୍ବତନ ନିର୍ଦ୍ଦେଶକ ଆର୍. କେ. ଦାଶ, ୟୁନିଟ୍ ମୁଖ୍ୟ ରଣଜିତ ସିଂଘ, ପ୍ରବକ୍ତା ମ୍ୟାନେଜର ପ୍ରତାପ ଭଟ୍ଟାଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିକ୍ଷା, ନାରୀ ସଶକ୍ତୀକରଣ ସମ୍ପର୍କିତ କର୍ମଶାଳା

**ତିର୍ତ୍ତୋଲ, ୧୨।୩ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ସଅଁରା ପଞ୍ଚାୟତ ଧୂଆଁପାରି ଗ୍ରାମରେ ବ୍ଲକସ୍ତରୀୟ ଶିକ୍ଷା, ପରିବେଶ ଓ ନାରୀ ସଶକ୍ତୀକରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଓ ଜୟଯବାନ ଜୟ କିଶାନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାକୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ନିଖିଲ କଲୋଲା ଉଦ୍‌ଘାଟନ କରିଥିଲେ। ଏଥିରେ ଜୟ ଯବାନ ଜୟ କିଶାନ କ୍ଲବର ସଭାପତି କାଳନ୍ଦୀ ଦାଶ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଜ୍ୟୋତି କ୍ଲବ ସମ୍ପାଦକ କ୍ଷୀରୋଦ କୁମାର ଦାସ, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାଶ, ନାରୀନେତ୍ରୀ କଳ୍ପନାବାଳା ଖୁଣ୍ଟିଆ, ଆଞ୍ଚଳିକ ସେବା ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ପ୍ରୀତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୁ ଯୁବ ବାହିନୀ ସଭାପତି ପ୍ରଭୁପ୍ରସାଦ ଦାସ, ସଭ୍ୟ ସୁମନ୍ତ ପୁହାଣ, ସୌଭାଗ୍ୟ ଦାଶ, ଉଦାସ ଜେନା, ଚିତ୍ତରଞ୍ଜନ ଜେନା, ନଳିନୀକାନ୍ତ ଜେନାଙ୍କ ସମେତ ଏସଏଚଜି ସଦସ୍ୟାମାନେ ପରିଚାଳନାରେ ସହାୟତା କରିଥିଲେ।



ଧୂଆଁପାରି ଗ୍ରାମରେ ଅନୁଷ୍ଠିତ ସଚେତନତା କର୍ମଶାଳା।

## ସାଂସ୍କୃତିକ ଉତ୍ସବ ନାଁରେ ଚାଲିଛି ଜୁଆଖେଳ

**କୁଜଙ୍ଗ, ୧୨।୩(ଡି.ଏନ.ଏ.)**

- ରୋକିବାରେ ପୋଲିସ ବିଫଳ
- ସାଧାରଣରେ ବଢୁଛି ଅସନ୍ତୋଷ
- ପୋଲିସ ଓ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

କୁଜଙ୍ଗ ଥାନା ଅଞ୍ଚଳରେ ଏବେ ବିଭିନ୍ନ ସାଂସ୍କୃତିକ ଉତ୍ସବ ନାଁରେ ଜୁଆଖେଳର ଆସର ଜମୁଛି। ଫଳରେ ବିଭିନ୍ନ ବର୍ଗର ଲୋକ ଜୁଆ ଖେଳି ସର୍ବସ୍ୱ ହରାଉଛନ୍ତି। ମାତ୍ର ଏହି ଜୁଆ ଖେଳ କରୁଥିବା ଲୋକେ ପ୍ରଚୁର ଅର୍ଥ ରୋଜଗାର କରିବା ସହ ନିଶାସକ୍ତ ଅବସ୍ଥାରେ ଗାଁରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାତ୍ର ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବାରୁ ଜୁଆ ଖେଳ ବନ୍ଦ ହେଉନାହିଁ। ତେଣୁ ପୋଲିସ ଏହାକୁ ରୋକିବା ଦିଗରେ ବିଫଳ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, କୁଜଙ୍ଗ ଥାନା ଅଞ୍ଚଳରେ ଏବେ ବିଭିନ୍ନ ଡ୍ରାମା, କ୍ରିକେଟ୍, ଫୁଟବଲ୍ ଟୁର୍ନାମେଣ୍ଟ, ରାମଲୀଳା ଓ ଯାତ୍ରାରେ ଖୁଲମ୍‌ଖୁଲା ଜୁଅଖେଳ ଚାଲୁଛି। ଏହି ଖେଳ କାର୍ଯ୍ୟକ୍ରମ ଆୟୋଜନ କରୁଥିବା କର୍ମକର୍ତ୍ତାଙ୍କ ସହମତିରେ ହେଉଥିବା ଅଭିଯୋଗ ହେଉଛି। ମାତ୍ର ପୋଲିସ ଏସବୁ ଜୁଆ ଆଡ୍ଡା ସମ୍ପର୍କରେ ଜାଣୁଥିଲେ ମଧ୍ୟ ଚଢ଼ାଉ କରୁନାହିଁ। ନିକଟରେ କାଳିଆପାଟଠାରେ ଅନୁଷ୍ଠିତ ଡ୍ରାମା ଟୁର୍ନାମେଣ୍ଟ, ଗଣ୍ଡକିପୁରଠାରେ ହୋଇଥିବା ଯାତ୍ରା ଓ ବର୍ତ୍ତମାନ ଫତେପୁର(ଜଳଧରପୁର)ଠାରେ ଚାଲିଥିବା ଡ୍ରାମା ଟୁର୍ନାମେଣ୍ଟରେ ଜୁଆ ଖେଳ ଖୁଲମଖୁଲା ଚାଲିଥିବା ଅଭିଯୋଗ ହୋଇଛି। ହେଲେ ପୋଲିସ ସେଠାରେ ଚଢ଼ାଉ କରୁନାହିଁ। ଜୁଆଖେଳ ଯୋଗୁ ଆମ ପରମ୍ପରା ଓ ସଂସ୍କୃତି ଯେତିକି ନଷ୍ଟ ହେଉଛି ସମପରିମାଣରେ ବହୁ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାକୁ ରୋକିବା ଦିଗରେ ପୋଲିସ ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ପଚାରିବାରେ ସେ କହିଥିଲେ, ଏବେ ଯେଉଁସବୁ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ସେଠାରେ ଚଢ଼ାଉ କରାଯିବ। ଯଦି ସେଠାରେ ଜୁଆ ଖେଳ ଚାଲୁଥିବ ତାହାକୁ ବନ୍ଦ କରାଯିବ। ଏଥିସହିତ ଯଦି କେହି ଜୁଆ ଖେଳ ପାଇଁ ପ୍ରଶ୍ରୟ ଦିଅନ୍ତି ତେବେ ତାଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ କେତେକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପଚାରିବାରେ ସେମାନେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

## ସଂକ୍ଷେପରେ

### ମେଳଣରେ ନାବାଳିକାଙ୍କୁ ଅସଦାଚରଣ

**କେନ୍ଦ୍ରାପଡା ଅଫିସ,୧୨।୩:** ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକର ଠାକୁରପାଟଣାରେ ଗତ ବୁଧବାର ରାତିରେ ଦୋଳ ମେଳଣ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଜଣେ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅସଦାଚରଣ କରିଥିଲେ । ଏନେଇ ନାବାଳିକା ସଦର ଥାନାରେ ଅଭିଯୋଗ କରିବା ପରେ ୬୦/୨୦ନଂରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

### ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସଂଘ ଗଠିତ

**ରାଜନଗର, ୧୨।୩(ଡି.ଏନ.ଏ.):** ରାଜନଗର ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ (ସିଆରସିସି)ମାନଙ୍କୁ ନେଇ ଇତିମଧ୍ୟରେ ଏକ ସଂଘ ଗଠିତ ହୋଇଛି। ରାଜନଗରସ୍ଥିତ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସିଆରସିସିମାନଙ୍କ ବୈଠକ ବସି ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସୁଶାନ୍ତ କୁମାର ସେଠୀ ସଭାପତି, ପ୍ରଶାନ୍ତ କୁମାର ଜେନା ସଂପାଦକ ଭାବେ ମନୋନୀତ ହୋଇଛନ୍ତି ।

### କଅଁଳ ବୟସରେ ପରିବାର ବୋଝ, ଦିବ୍ୟାଙ୍ଗ ପରିବାରକୁ ସହାୟତା

**ରାଜନଗର,୧୨।୩(ଡି.ଏନ.ଏ.):** ରାଜନଗର ବ୍ଲକ ଡାଙ୍ଗମାଳ ଗାଁର ଗିରିଧାରୀ ବେହେରା ପାରାଲିସିସରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ବଡପୁଅ ଜନ୍ମରୁ ଦିବ୍ୟାଙ୍ଗ। ବାପ ପୁଅଙ୍କ ସେବା ପାଇଁ ଗିରିଧାରୀଙ୍କ ପତ୍ନୀଙ୍କୁ ଘରେ ରହିବାକୁ ପଡୁଛି। ବାପାଙ୍କ ଔଷଧ ଖର୍ଚ୍ଚ ଓ ପରିବାରର ଭରଣ ପୋଷଣ ପାଇଁ ୧୩ବର୍ଷର ସାନପୁଅ ୭ମ ଶ୍ରେଣୀରୁ ପାଠପଢା ଛାଡି ମୂଲ ଲାଗୁଛି। ଏହି ଖବର ଗଣମାଧମରେ ପ୍ରକାଶ ପାଇବା ପରେ ରାଜନଗର ବ୍ଲକର ସ୍ୱେଚ୍ଛାସେବୀ ସଂଗଠନ ଆସୁଛି ମୋ କାଳିଆ ସୁନା ଗ୍ରୁପ ଅଫ ଓଡିଶା ପକ୍ଷରୁ ନିକଟରେ ଗିରିଧାରୀଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯାଇଛି। ୩ ମାସ ପାଇଁ ରାଶନ ସାମଗ୍ରୀ ସହିତ ଦୁଇମାସର ଶୁଖିଲା ଖାଦ୍ୟ, ୫୦ କେଜି ଚାଉଳ ଓ ସାନପୁଅର ପାଠପଢା ପାଇଁ ଖାତା, କଲମ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସଂଗଠନର ସଭାପତି ପ୍ରତାପ ଦାସ, କ୍ଷୀରୋଦ କୁମାର ମହାନ୍ତି, ରଞ୍ଜନ ବେହେରା, ସୁଶାନ୍ତ ପରିଡା, ଦେବେନ୍ଦ୍ର ରାଉଳ, ହଂସନାଥ ମହାନ୍ତି, କଳାକାର ବେହେରା ପ୍ରମୁଖ ତାଙ୍କ ଘର ନିକଟରେ ପହଞ୍ଚି ସହାୟତା ଯୋଗାଇ ଦେଇଥିଲେ।

### ସଡ଼କ ଦୁର୍ଘଟଣା, ଜଣେ ମୃତ

**ରାଜନଗର, ୧୨।୩ (ଡି.ଏନ.ଏ.):** ରାଜନଗର ଥାନା ଅନ୍ତର୍ଗତ ତରପଦା ଗାଁର କାମଦେବ ରାଉତଙ୍କ ପୁଅ କାଳନ୍ଦୀ(୨୧)ଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। କାଳନ୍ଦୀ ହୋଲି ଦିନ ମୋଟର ସାଇକେଲ ଯୋଗେ ଗୁପ୍ତି ଯାଉଥିଲେ। କାଠପାଙ୍ଗରା ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ମୋଟର ସାଇକେଲକୁ ଧକ୍କା ଦେଇଥିଲେ। ଏହି ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ । ଅଗ୍ନିଶମ ବାହିନୀ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କେନ୍ଦ୍ରାପଡ଼ା ଜିଲା: ଚାଷୀଙ୍କୁ ମିଳୁନି ଋଣ

**କେନ୍ଦ୍ରାପଡ଼ା ଅଫିସ,୧୨।୩**

କୃଷିଭିତ୍ତିକ କେନ୍ଦ୍ରାପଡା ଜିଲାର ଚାଷୀଙ୍କ ପାଇଁ ଋଣ ଏକ ସମସ୍ୟା ହୋଇଛି। ବ୍ୟାଙ୍କଗୁଡିକୁ ପ୍ରଶାସନର ତାଗିଦ ସତ୍ତ୍ୱେ ଏହା ସୁଚାରୁ ରୂପେ କାର୍ଯ୍ୟକାରୀ ହେଉନାହିଁ । ଏପରି କି ଚାଷୀଙ୍କ ପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ଋଣ ଲକ୍ଷ୍ୟ ଗତ ୬ ବର୍ଷ ମଧ୍ୟରେ ପୂରଣ ହୋଇନାହିଁ । ଋଣ ପାଇବାରେ ହଇରାଣ ହରକତ ହେବାକୁ ପଡୁଥିବାରୁ ଯୁବଚାଷୀ ଚାଷ ଛାଡି କର୍ମ ଅନ୍ୱେଷଣରେ ବାହାର ଜିଲାରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନା ଆଇନ ଅଧିକାର ତଥ୍ୟ ଅନୁଯାୟୀ ୨୦୧୪ ମସିହାରେ ଜିଲାର ୧,୨୨,୭୧୧ ଚାଷୀଙ୍କୁ ୪୦,୦୬୬ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ତେବେ ଏହି ବର୍ଷ ୧୦୩୩୪୩ ଜଣଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୨୨୭୨୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି । ସେହିପରି ୨୦୧୫ ମସିହାରେ ୧୩୪୯୩୧ ଚାଷୀ ଋଣ ପାଇଁ ଆବେଦନ କରିଥିବା ବେଳେ ୧୧୫୧୭୬ ଜଣଙ୍କୁ ଋଣ ମିଳିଛି । ଏହି ବର୍ଷ ସରକାରୀ ଋଣ ଧାର୍ଯ୍ୟ ଲକ୍ଷ୍ୟ ୫୧୦୮୪ ଲକ୍ଷ ଟଙ୍କା ଥିବା ବେଳେ ମାତ୍ର ୨୭୫୧୯ ଟଙ୍କା ଋଣ ଚାଷୀଙ୍କୁ ପ୍ରଦାନ କରାଯାଇଛି ।

୨୦୧୬ ମସିହାରେ ସରକାରୀ ଋଣ ଧାର୍ଯ୍ୟ ଲକ୍ଷ୍ୟ ୫୨୫୧୮ ଲକ୍ଷ ଟଙ୍କା ଥିବା ବେଳେ ୩୧୭୫୨ ଲକ୍ଷ ଟଙ୍କା ଚାଷ ପାଇଁ ଋଣ ଦିଆଯାଇଛି। ଏହି ବର୍ଷ ୩୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଋଣ ପାଇଁ ଆବେଦନ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି । ୨୦୧୭ ମସିହାରେ ୫୪୫୯୭ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ସରକାରୀ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ୩୨୬୩୧ ଲକ୍ଷ ଟଙ୍କା ଚାଷୀଙ୍କୁ ଋଣ ଦିଆଯାଇଛି । ୨୦୧୮ରେ ୬୪୪୯୫ ଲକ୍ଷ ଟଙ୍କାରୁ ମାତ୍ର ୪୫୪୪୫ ଟଙ୍କା ବ୍ୟାଙ୍କ ଋଣ ୧୪୨୨୫୩ ଜଣ ଚାଷୀଙ୍କୁ ମିଳିଛି । ସେହିପରି ଚଳିତ ଆର୍ଥିକ ବର୍ଷରେ ଜିଲାର ୩୮୧୩୪୨ ଜଣ ଚାଷୀଙ୍କୁ ମୋଟ ୧୩୫୩୫୧ ଲକ୍ଷ ଟଙ୍କା ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ତେବେ ଡିସେମ୍ବର ଶେଷ ସୁଦ୍ଧା ୧୯୧୪୭୨ ଚାଷୀଙ୍କୁ ୭୭୪୩୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୫୭ ପ୍ରତିଶତ ସଫଳତା ମିଳିଛି । ଏ ସମ୍ପର୍କରେ ଡେରାବିଶ ବ୍ଲକ ଗୋବିନ୍ଦପୁରର ଚାଷୀ କୃତ୍ତିବାସ ଦାସ କୁହନ୍ତି ଯେ, ପ୍ରତିବର୍ଷ ନିଜର ଓ ଭାଗଜମିକୁ ମିଶାଇ ପ୍ରାୟ ୭ ଏକର ଜମି ଚାଷ କରନ୍ତି। ଉନ୍ନତ କିସମ ଚାଷ ପାଇଁଯୋଜନା ପ୍ରସ୍ତୁତ କରି ବାରମ୍ବାର ବ୍ୟାଙ୍କର ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଋଣ ମିଳୁନାହିଁ । ବ୍ୟାଙ୍କ ଅଧିକାରୀ ଋଣ ପାଇଁ ଥିବା ବିଭିନ୍ନ କଟକଣା ଦେଖାଇ ଫେରାଉଛନ୍ତି । ଏ ନେଇ ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କୁହନ୍ତି ଯେ, ଜିଲା ବାର୍ଷିକ ଯୋଜନା ବଜେଟରେ ୬୦ ଭାଗ କୃଷିର ଉନ୍ନତି ପାଇଁ ରଖାଯାଉଛି । ତେବେ ଏଥିପାଇଁ ଆସୁଥିବା ଅର୍ଥ ବାଟମାରଣା ହେଉଥିବା ଦେଖାଯାଉଛି। ସେ କହିଛନ୍ତି ଯେ, ବ୍ୟାଙ୍କିଂ ନିୟମ ଅନୁଯାୟୀ, ପ୍ରତ୍ୟେକ ବ୍ୟାଙ୍କର ଜମା ଅର୍ଥରୁ ଅନ୍ୟୁନ ୬୦ ପ୍ରତିଶତ ଅଂଶ ଋଣ ଦେବେ। ତେବେ ଏହି ନିୟମ ଜିଲାର ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି । ଜିଲାରେ ୨୩ ବ୍ୟାଙ୍କର ମୋଟ ୧୩୨ଟି ଶାଖା କାର୍ଯ୍ୟ କରୁଛି । ୧୯ ବ୍ୟାଙ୍କ ସର୍ବୋଚ୍ଚ ୪୮ ପ୍ରତିଶତ ଋଣ ପ୍ରଦାନ କରିଛି । ଏ ସମ୍ପର୍କରେ ଏଡିଏମ ବସନ୍ତ କୁମାର ରାଉତ କୁହନ୍ତି ଯେ, ଗତ ସମୀକ୍ଷା ବୈଠକରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏନେଇ ତାଗିଦା ହୋଇଛି । ଯେଉଁ ବ୍ୟାଙ୍କ ଋଣ ଦେବାକୁ ପଛାଉଥିବ, ସେହି ବ୍ୟାଙ୍କ ଉପରେ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଡ୍ରେନେଜ ପୁନରୁଦ୍ଧାର ପ୍ରକଳ୍ପର ଶିଳାନ୍ୟାସ



ବିଧାୟକ ଧ୍ରୁବ ସାହୁ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ରାଜନଗର,୧୨।୩(ଡି.ଏନ.ଏ.)**

ଜଳ ନିଷ୍କାସନ ବିଭାଗ ପକ୍ଷରୁ ବେଲପାଳ ଡ୍ରେନେଜର ପୁନରୁଦ୍ଧାର ଓ କ୍ରିକ ନିର୍ମାଣ କରାଯିବ। ୨ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ ରାଜନଗର ବ୍ଲକର ମାଳିପୁର ଠାରୁ ବେଲପାଳ ଯାଏ ୧୩ କିଲୋମିଟର ଡ୍ରେନେଜର ପୁନରୁଦ୍ଧାର କରାଯିବ। ରାଜନଗର ବିଧାୟକ ଧ୍ରୁବ ସାହୁ ଗତ ମଙ୍ଗଳବାର ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଉତ୍ସବରେ ସାଂସଦଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ସରପଞ୍ଚ କେଦାରନାଥ ସାହୁ, ସମିତି ସଭ୍ୟ ପାରେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଓସ୍ତିଆ ପଞ୍ଚାୟତ ପକ୍ଷରୁ ନଗଡଠାରେ ନିର୍ମାଣ ହେବାକୁ ଥିବା ମିନି ପାର୍କର ଶିଳାନ୍ୟାସ କରିଥିଲେ।

# ସରକାର ଏ ଦୋଆଲମର ଧାର୍ମିକ ସଭା



ଧାର୍ମିକ ସଭାରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୧୨।୩**

ସହରର ଗୋବରୀ ନଦୀ କୂଳସ୍ଥ ଇଦ୍‌ଗାହ ପଡିଆ ଠାରେ ତନଜିମ ଅହେମଦ ରଜା ପକ୍ଷରୁ ସରକାର ଏ ଦୋଆଲମ ଧାର୍ମିକ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ମୌଲବୀ ଓ ସାୟରମାନେ ଯୋଗଦେଇ ମହମ୍ମଦଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଡିଶା ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ, କଣ୍ଟାବାଂଝିର ପୂର୍ବତନ ବିଧାୟକ ଆୟୁବ ଖାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କେନ୍ଦ୍ରାପଡା ଜିଲାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ମହାନ ବୋଲି ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମୌଲାନା ଗୁଲାମ ମହମ୍ମଦ, ମୌଲାନା ହାପିଜ କମାଲୁଦ୍ଦିନ, ସେକ ରାଜା, ହାଜି ସଲାଉଦ୍ଦିନ ପ୍ରମୁଖ ପରିଚାଳନା କରିଥିଲେ ।

## କରୋନା ସତର୍କତା : ଫିକା ପଡିଲା ହୋଲି

**ମାର୍ଶାଘାଇ,୧୨।୩(ଡି.ଏନ.ଏ.)**

ସରକାର କରୋନାର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସରକାରୀ ସ୍ତରରେ ସତର୍କତା ଜାରି ରହିଛି । ଯାହାର ପ୍ରଭାବ ସିଧାସଳଖ ଚଳିତବର୍ଷ ରଙ୍ଗର ପର୍ବ ହୋଲି ଖେଳ ଉପରେ ପଡିଛି। ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ହୋଲି ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଯୁବ ପିଢିମାନଙ୍କ ମଧ୍ୟରେ ସେଭଳି ଉତ୍ସାହ ରଙ୍ଗ ଖେଳକୁ ନେଇ ଦେଖିବାକୁ ମିଳି ନ ଥିଲା। ବିଭିନ୍ନ ସ୍ଥାନରେ ରାସାୟନିକ ରଙ୍ଗ ବଦଳରେ ଅବିର ବ୍ୟବହାର ହେଉଥିବାର ଦେଖିବାକୁ ମିଳିଥିଲା। ଗାଁ ଗଣ୍ଡାର ବିଭିନ୍ନ କ୍ଲବରେ ଡିଜେ ବଜାଇ ଅବିର ବୋଳି କେତେଜଣ ହୋଲି ଖେଳିବାର ମଜା ନେଇଥିଲେ । ଅପରପକ୍ଷରେ ମାର୍ଶାଘାଇ ଥାନା ପୋଲିସ ତରଫରୁ ହୋଲି ଖେଳ ସମୟରେ ପୋଲିସ ପାଟ୍ରୋଲିଂ କଡାକଡି କରାଯାଇଥିଲା। ସେହିପରି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୧୦ ବୋତଲ ଦେଶୀ ବିଦେଶୀ ମଦ ଜବତ କରିବା ସହିତ ଦୁଇ ଜଣଙ୍କୁ କୋର୍ଟ ଚାଲଣ କରିଥିଲେ।

## ବାସଗୃହ ତାଲିକାର ତଦନ୍ତ ନ ହେଲେ ୧୮ରେ ଅନଶନ

**କେନ୍ଦ୍ରାପଡ଼ା ଅଫିସ, ୧୨।୩**

ମାର୍ଶାଘାଇ ବ୍ଲକ ବଟିରା ସରପଞ୍ଚ ଅନିରୁଦ୍ଧ ସେଠୀଙ୍କ ପକ୍ଷରୁ ବାସଗୃହ ହିତାଧିକାରୀ ତାଲିକାର ତଦନ୍ତ ପାଇଁ ଦାବି ହୋଇଛି। ଏନେଇ ଜିଲାପାଳଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ ସହ ତଦନ୍ତ ନ ହେଲେ ଆସନ୍ତା ୧୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ସରପଞ୍ଚ ସେଠୀ କହିଛନ୍ତି ଯେ, ପଞ୍ଚାୟତ ପକ୍ଷରୁ ବାସଗୃହ ଯୋଜନା ପାଇଁ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇଥିଲା । ତେବେ ଏହି ତାଲିକାଭୁକ୍ତ ନାମକୁ ତଦନ୍ତ କରା ନ ଯାଇ ପ୍ରଶାସନିକ ଅଧିକାରୀମାନେ ଅନ୍ୟ ଏକ ତାଲିକା ପ୍ରସ୍ତୁତ କରିଛନ୍ତି । ଏହି ପ୍ରଶାସନିକ ତାଲିକାରେ ବହୁ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ରହିଛି । ଏନେଇ ବିଡିଓଙ୍କୁ ଗତ ୪ ତାରିଖରେ ଅବଗତ କରା ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ୱାର୍ଡ ସଭ୍ୟା ମାମିନା ମଲ୍ଲିକ, ପ୍ରଣତି ବେହେରା, ସଭ୍ୟ ରବୀନ୍ଦ୍ର କୁମାର ପଣ୍ଡା, ଗୌରାଙ୍ଗ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବକେୟା ଅର୍ଥ ପାଇବା ପାଇଁ ଆତ୍ମାହୁତି ଉଦ୍ୟମ

**କେନ୍ଦ୍ରାପଡ଼ା ଅଫିସ, ୧୨।୩**

ଠିକାଦାର ପାଖରେ ୭୬ ହଜାର ଟଙ୍କା ପଡିରହିଛି । ଏହି ବକେୟା ଅର୍ଥ ରାଶି ମାଗିଲେ ଜୀବନରୁ ମାରି ଦେବାକୁ ଧମକ ମିଳୁଛି । ଏନେଇ ପଟ୍ଟାମୁଣ୍ଡାଇ ଥାନା ଓ କେନ୍ଦ୍ରାପଡା ଏସପିଙ୍କ ନିକଟରେ ଅଭିଯୋଗ କରାଯିବା ପରେ ବି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଅପରପକ୍ଷରେ ବକେୟା ଟଙ୍କା ନ ପାଇବାରୁ ୯ ଜଣ ସାଥୀ ରାଜମିସ୍ତ୍ରି ଗାଁକୁ ପୂରାଇ ଦେଉ ନାହାନ୍ତି । ଦୁଇ ପଟରୁ ଚାପ ପରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ପାଇଁ ଉଦ୍ୟମ କରିଥିବା ଖୋର୍ଦ୍ଧା ଜିଲା ବାଣପୁର ଥାନା ମୋରଡାଝରି ଗ୍ରାମର ଭଗବାନ ଦାଶ ଏହି କଥା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ଭଗବାନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସି ପେଟ୍ରୋଲ ଢାଳି ଆତ୍ମାହୁତି ଦେବା ପାଇଁ ଉଦ୍ୟମ କରିଥିଲେ। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏଥିରୁ ନିବୃତ୍ତ କରିବା ସହ ଥାଉନ ଥାନାକୁ ଖବର ଦେଇଥିଲେ। ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ସହର ଫାଣ୍ଡି (୨) ଅଧିକାରୀ ନରେନ୍ଦ୍ରନାଥ ସୋରେନ ପ୍ରମୁଖ ପହଞ୍ଚି ଭଗବାନଙ୍କୁ ବୁଝାଶୁଝା କରିବା ସହ ଜିଲାପାଳଙ୍କ ନିକଟକୁ ନେଇଥିଲେ । ଜିଲାପାଳ ସମର୍ଥ ବର୍ମା ଏନେଇ ପଦକ୍ଷେପ ନେବା ପାଇଁ ଏସପିଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ଠିକାଦାର ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ହିତାଧିକାରୀଙ୍କ ଠାରୁ ଠିକା ନେଇଥିଲେ । ସଂପୃକ୍ତ ଠିକାଦାର ରାଜମିସ୍ତ୍ରି ଭଗବାନଙ୍କ ନେତୃତ୍ୱରେ ୯ ଜଣ ରାଜମିସ୍ତ୍ରିଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିପାଇଁ ମଜୁରି ବାବଦ ମୋଟ ୧ ଲକ୍ଷ ୮୩ ହଜାର ଟଙ୍କା ହୋଇଥିବା ବେଳେ ସଂପୃକ୍ତ ଠିକାଦାର ୧ ଲକ୍ଷ ୭ ହଜାର ଟଙ୍କା ଦେଇଛନ୍ତି । ଅବଶିଷ୍ଟ ଟଙ୍କା ପାଇବା ପାଇଁ ଗତ ୩ ମାସ ଧରି ରାଜମିସ୍ତ୍ରି ଭଗବାନ ସଂପୃକ୍ତ ଠିକାଦାରଙ୍କ ନିକଟକୁ ଯାଉଥିଲେ ମଧ ବକେୟା ଟଙ୍କା ଆଜିଯାଏ ପାଇ ନ ଥିବା ସେ ଗଣମାଧମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଛନ୍ତି ।



## ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

**ରାଜନଗର,୧୨।୩ (ଡି.ଏନ.ଏ.)**

ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୨୩ ବର୍ଷର ଯୁବକ ଅପହରଣ କରି ନେଇଛନ୍ତି। ଅଭିଯୋଗ ମୁତାବକ, ଗତ ୪ ତାରିଖ ରାତିରେ ସମ୍ପୃକ୍ତ ଯୁବକ ଛାତ୍ରୀଙ୍କ ଘରର କବାଟ ତାଡି ତାଙ୍କୁ ଉଠାଇ ନେଇଛନ୍ତି । ଏନେଇ ଛାତ୍ରୀଙ୍କ ମାଆ ଲିଖିତ ଅଭିଯୋଗ କରିବା ପରେ ତାଳଚୁଆ ସାମୁଦ୍ରିକ ଥାନାରେ ନଂ. ୨୩/୨୦୨୦ରେ ମାମଲା ରୁଜୁ ହୋଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମହିଳାଙ୍କ ଉନ୍ନତିରେ ଦେଶର ବିକାଶ

**ମାର୍ଶାଘାଇ,୧୨।୩(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକର ଗିରଙ୍ଗ ମୋହନ ମୁରଲୀ ମଠ ଠାରେ ବିଜୁ ଜୟନ୍ତୀ ଉପଲକ୍ଷେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁ ମହିଳାଙ୍କ ଉନ୍ନତି ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବିଜେଡି ସରକାର ମଧ ମହିଳାମାନଙ୍କ ବିକାଶକୁ ଗୁରୁତ୍ୱ ଦେଉଥିବାର କହିଥିଲେ। ବିକାଶ କ୍ଷେତ୍ରରେ ଆମର ମା'ମାନେ ଆଜି ଆଗରେ ରହିଛନ୍ତି। ମହିଳାଙ୍କ ଉନ୍ନତି ରାଜ୍ୟ ତଥା ଦେଶର ପ୍ରଗତିରେ ସହାୟକ ହେବ ବୋଲି ବିଧାୟକ ନାୟକ କହିଥିଲେ। ମାର୍ଶାଘାଇ ବ୍ଲକ ଅଧକ୍ଷା ସୀତାଲତା ପରିଡା,ମହାକାଳପଡା ବ୍ଲକ ଅଧକ୍ଷା ସସ୍ମିତା ବରାଳ, ମହାକାଳପଡା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷା ସରୋଜିନୀ ସେଠୀଙ୍କ ସମେତ ବିଭିନ୍ନ ଜିଲା ପରିଷଦ ସଭ୍ୟା, ବ୍ଲକ ବିଜେଡି ସଭାନେତ୍ରୀ,ସରପଞ୍ଚ, ସମିତି ସଭ୍ୟା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଲେଙ୍କା, ଗଙ୍ଗାଧର ପରିଡା, ପ୍ରଫୁଲ୍ଲ ଦାସ ଯୋଗ ଦେଇଥିଲେ । ସମାବେଶରେ ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଭାପତିତ୍ୱ କରିଥିଲେ।




ମହିଳା ସମାବେଶରେ ଉପସ୍ଥିତ ଅତିଥିମାନେ।

# ବଡ଼ବେତରାରେ ଗ୍ରାମୀଣ ଉଦ୍ୟାନ ଉଦ୍‌ଘାଟିତ

**ପାଟକୁରା,୧୨।୩ (ଡି.ଏନ୍.ଏ.)**

ବୁଧବାର ଗରଦପୁର ବ୍ଲକ ବଡବେତରା ଗ୍ରାମରେ ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଆମ ପଞ୍ଚାୟତ ଗ୍ରାମୀଣ ଉଦ୍ୟାନ ଓ ଆମ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ଗ୍ରାମୀଣ ଉଦ୍ୟାନରେ ୧୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବେଳେ ପାଠାଗାରରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଗ୍ରାମୀଣ ଉଦ୍ୟାନ ଯୋଗୁ ପିଲାମାନେ ଭରପୂର ମଜା ଉଠାଇ ପାରିବେ ବୋଲି ବିଧାୟିକା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଅଗ୍ରୱାଲ, ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା, ବିଧାୟିକାଙ୍କ ବ୍ଲକ ପ୍ରତିନିଧି ନାରାୟଣ ସ୍ୱାଇଁ, ସରପଞ୍ଚ ଦିଲୀପ କୁମାର ନାୟକ, ବ୍ଲକ ସଭାପତି ଶଶାଙ୍କ ପରିଡ଼ା, ଦିଲୀପ ସେଠୀଙ୍କ ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।




ଉଦ୍‌ଘାଟନୀ ଉତ୍ସବରେ ବିଧାୟିକା ଓ ଅନ୍ୟମାନେ।

# ରାଜନଗର ଦୋଳ ମେଳଣରେ ୩୧ ବିମାନ

**ରାଜନଗର,୧୨।୩(ଡି.ଏନ.ଏ.)**

ରାଜନଗରରେ ଦୋଳପର୍ବ ଓ ହୋଲି ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଚଳିତବର୍ଷ ୩୧ଟି ବିମାନ ବାଜା, ବାଣ ଓ ରୋଶଣିରେ ରାଜନଗର ମେଳଣ ପଡିଆକୁ ଆସିଥିଲେ। ପୂର୍ଣ୍ଣିମା ଦିନ ସନ୍ଧ୍ୟାରେ ରାଧାକୃଷ୍ଣ ମେଳଣ କମିଟି ପକ୍ଷରୁ ସଭାପତି ତଥା ଆଇଆଇସି ତପନ କୁମାର ନାୟକଙ୍କୁ ନିମନ୍ତ୍ରଣ କରାଯାଇ ମେଳଣ ପଡିଆକୁ ଅଣାଯାଇଥିଲା। ପୁରୋହିତଙ୍କ ମନ୍ତ୍ରଧ୍ୱନି ମଧ୍ୟରେ ସଭାପତି କର୍ତ୍ତା ଭାବେ ପଡିଆରେ ମଣ୍ଡପ ପ୍ରତିଷ୍ଠା କରିଥିଲେ। ଏହାପରେ ଥାନପତି ରାଜନଗରର ଦଧିବାମନଜୀଉଙ୍କୁ ଶୋଭାଯାତ୍ରାରେ ମେଳଣ ପଡିଆକୁ ଅଣାଯାଇଥିଲା। ଥାନପତି ବିରାଜମାନ ହେବା ପରେ ରାଜନଗର ଗାଁ ମୁଣ୍ଡରୁ ବିଭିନ୍ନ ଗାଁର ମଠ, ମନ୍ଦିର, ଦେବାଦେବୀଙ୍କ ପୀଠରୁ ଆସିଥିବା ବିମାନକୁ ପାଛୋଟି ଅଣାଯାଇଥିଲା। ରାତି ୧୦ ଟାରୁ ସକାଳ ୭ଟା ଯାଏଁ ବିମାନଗୁଡିକ ମେଳଣ ପଡିଆକୁ ଆସିବା ପର୍ବ ଚାଲିଥିଲା। ସେଠାରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯିବା ସହ ଭୋଗ ଲାଗି କରାଯାଇଥିଲା। ରାଜନଗର ଥାନା ପକ୍ଷରୁ ଭୋଗ ଲାଗିବା ପରେ ବିମାନଗୁଡିକ ମେଲଣ ପଡିଆରୁ ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦୋଳ ମେଲଣ ତହସିଲ ଓ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ରାଜନଗର ଦୋଳ ମେଲଣ ପଡିଆରେ ରାଧାକୃଷ୍ଣ ମେଲଣ କମିଟିର ସଭାପତି ତପନ କୁମାର ନାୟକଙ୍କ ପୌରହିତ୍ୟରେ ରଙ୍ଗସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଧାକୃଷ୍ଣଙ୍କ ମହିମା ଓ କୃଷ୍ଣଲୀଳା ସଂପର୍କରେ ବିସ୍ତୃତ ଆଲୋଚନା ହେବା ସହିତ ଭଜନ, ଜଣାଣ ପରିବେଷଣ କରାଯାଇଥିଲା। ଏହି ରଙ୍ଗସଭାରେ ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ଅନିରୁଦ୍ଧ ପରିଡା, ବାଇଧର ସେଠୀ, ରମଣୀ ରଞ୍ଜନ ମହାପାତ୍ର, ମହେଶ୍ୱର ସେଠୀ, ସତ୍ୟବାନ ସେଠୀ, ରବୀନ୍ଦ୍ର କୁମାର ନାୟକ, ଶଙ୍କର୍ଷଣ ମିଶ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ହଳଧର ସେଠୀ, ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ମେଲଣକୁ ଆସୁଥିବା ଦୋଳ ବିମାନ।

## ସଂକ୍ଷେପରେ

### କରୋନା ଭୟ: ପାଗୋ-୩ ଫେଷ୍ଟିଭାଲ ସ୍ଥଗିତ

ବ୍ରହ୍ମପୁର ଅଫିସ,୧୨।୩: ବିଶ୍ୱର ଭାରତ ସମେତ ଅଧିକାଂଶ ଦେଶ କରୋନା ଭୂତାଣୁ(କୋଭିଡ୍-୧୯) ଦ୍ୱାରା ପ୍ରଭାବିତ। ଏହି ଭୂତାଣୁ ସଂକ୍ରମଣକୁ ଏଡାଇବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସେମିନାର, କର୍ମଶାଳା, ସମ୍ମିଳନୀ ଭଳି ଜନଗହଳି ସୃଷ୍ଟିକାରୀ କାର୍ଯ୍ୟକ୍ରମ ଆୟୋଜନ ଉପରେ ରୋକ ଲଗାଯାଇଛି। ସର୍କୁଲାର ପ୍ରକାରେ ମାର୍ଚ୍ଚ ୨୮ ଓ ୨୯ ଦୁଇ ଦିନ ବ୍ୟାପୀ ଗୋପାଳପୁର ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା ପାଗୋ-୩ ଆର୍ଟ ଫେଷ୍ଟିଭାଲ ସୀମିତ ସମୟ ପାଇଁ ସ୍ଥଗିତ କରାଯାଇଛି। ତେବେ କରୋନା ଭୂତାଣୁ ସଂକ୍ରମଣ ଜନିତ ସମସ୍ୟା ଟଳିବା ନେଇ ସରକାରଙ୍କ ନୋଟିସ ଜାରି କରାଯିବା ପରେ ପୁନର୍ବାର ଏହି ମହୋତ୍ସବର ତାରିଖ ନିର୍ଦ୍ଧାରଣ କରାଯିବ ବୋଲି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚାଇଛନ୍ତି।

### ବିଦ୍ୟୁତ୍ ଆଘାତରେ ମୃତ୍ୟୁ

ଆସିକା,୧୨।୩ (ଡି.ଏନ୍.ଏ.): ଆସିକା ଥାନା ନାରାୟଣପୁର ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଭାସ୍କର ନାଇକ। ଭାସ୍କର ତାଙ୍କ ଘରେ ହିଟର୍‌ରେ ରୋଷେଇ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ମୃତ ଛାତ୍ରଙ୍କ ସ୍ମୃତିସଭା

ଛତ୍ରପୁର,୧୨।୩(ଡି.ଏନ.ଏ.): ଛତ୍ରପୁର ଗୋପବନ୍ଧୁନଗରର ତଥା କାରମେଲ୍ କନ୍‌ଭେଣ୍ଟ ସ୍କୁଲ ଛାତ୍ର ପିୟୁଷ ରଞ୍ଜନ ମାଳିଙ୍କର ବିଦ୍ୟୁତ୍ ଆଘାତରେ ଫେବୃୟାରୀ ୨୫ରେ ମୃତ୍ୟୁ ହୋଇଥିଲା। ଏହି ଅବସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ମୃତ ପିୟୁଷଙ୍କ ବାପା ବିଜୟ କୁମାର ମାଳି, ମା' ରଶ୍ମିତା ତରାଇ, ଜୟକୃଷ୍ଣ ମାଳି, ପ୍ରତିମା ବିଶ୍ୱାଳ, ଶୁଭଶ୍ରୀ ପଲେଇ, ଜଗଦୀଶ ଚନ୍ଦ୍ର ପଲେଇ ଯୋଗଦେଇ ପିୟୁଷ୍ ମେମୋରିଆଲ ସ୍କଲାରସିପ୍ ବାବଦରେ ୧୦ ହଜାର ଟଙ୍କାର ଚେକ୍ ସ୍କୁଲ ଅଧକ୍ଷା ସିଷ୍ଟର ଡୋରେଟ୍‌ଙ୍କୁ ପ୍ରଦାନ କରିଥିଲେ। ଏଥିରେ ଛାତ୍ରଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ହୋଇ ସ୍ମୃତି ଚାରଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତରରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଓଡ଼ଗାଁରେ ବିଜେଡିର ବିଜୁ ଜୟନ୍ତୀ ସମାରୋହ

## ପଞ୍ଚାୟତରେ ୱାର୍ଲଡ୍ କ୍ଲାସ ହାଇସ୍କୁଲ ପ୍ରତିଷ୍ଠା ଘୋଷଣା

## ଓଡଗାଁକୁ ମହାନଦୀ ପାନୀୟ ଜଳ ଯୋଗାଣ

ଓଡ଼ଗାଁ,୧୨।୩(ସ୍ୱ.ପ୍ର.)

ପଞ୍ଚାୟତରେ ବିଶ୍ୱ ସ୍ତରୀୟ(ୱାର୍ଲଡ୍ କ୍ଲାସ) ହାଇସ୍କୁଲରେ ପିଲା ପାଠ ପଢିବେ। ଘରୋଇ ସ୍କୁଲ ଆଉ ମାଡିବେନି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ମିନି ଷ୍ଟାଡିୟମରେ ବିଜେଡି ଆନୁକୂଲ୍ୟରେ ଆୟୋଜିତ ୧୦୪ ତମ ବିଜୁ ଜୟନ୍ତୀ ସମାରୋହ ପାଳନ ଅବସରରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ଦିବାକର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ୧୫ ଦିନ ବ୍ୟାପୀ ବିଜୁ ଜନ୍ମ ଜୟନ୍ତୀ ସମାରୋହକୁ ଗାଁ ଗାଁରେ ପାଳନ କରାଯାଉଥିବା ଦୋଳ, ପଞ୍ଚୁ ଦୋଳ, ଦଶ ଦୋଳ ସହିତ ତୁଳନା କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାହୁଙ୍କ ସହିତ ବ୍ଲକ ଉପାଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ସେଠୀ, ନୟାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ରାଜ୍ୟ ପର୍ଯ୍ୟବେକ୍ଷକ ମୀରା ପରିଡା, ରବୀନ୍ଦ୍ର ପୃଷ୍ଟି ଓ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜୁ ବାବୁଙ୍କ ଜୀବନୀ, କାର୍ଯ୍ୟଧାରା, ମହିଳାଙ୍କ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ ପ୍ରତି ପଞ୍ଚାୟତରେ ବିଶ୍ୱ ସ୍ତରୀୟ ହାଇସ୍କୁଲ ପ୍ରତିଷ୍ଠା କରାଯିବା ନିମନ୍ତେ ଘୋଷଣା କରିଥିବା ବେଳେ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ନିବାରଣ ନିମନ୍ତେ ନୟାଗଡକୁ ଆସୁଥିବା ମହାନଦୀ ପାଣିକୁ ଦିର୍ଘ ମିଆଦି ଯୋଜନା ମାଧ୍ୟମରେ ଯୋଗାଇ ଦେବାକୁ ଘୋଷଣା କରିଥିଲେ। ଏହି ଅବସରରେ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ୪୦ ଜଣ ମହିଳା, ପୁରଷ ବିଜେଡିରେ ଯୋଗ ଦେଇଥିବା ଘୋଷଣା କରିଥିଲେ। ଜିଲାପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

### ବିଜୁ ବାବୁ କ'ଣ ବଞ୍ଚିନାହାନ୍ତି

ସମାରୋହ ସମ୍ମୁଖରେ ଦର୍ଶକ ଗାଲେରୀର ୨ୟ ଧାଡିରେ ବସିଥିବା ତଥା ବିଜେଡିରେ ମିଶିବାକୁ ଆସିଥିବା ଜଣେ ବୃଦ୍ଧା ପାଖରେ ବସିଥିବା ଅନ୍ୟ ଜଣେ ବୃଦ୍ଧାଙ୍କୁ ପଚାରୁଥିଲେ ବିଜୁ ପଟ୍ଟନାୟକ କ'ଣ ବଞ୍ଚିନାହାନ୍ତି।

### ଦଳୀୟ ସମାବେଶରେ ସରକାରୀ ଶିକ୍ଷକ

ଓଡ଼ଗାଁ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ବିଜୁ ଜନତା ଦଳ ତରଫରୁ ଆୟୋଜିତ ବିଜୁ ଜନ୍ମ ଜୟନ୍ତୀ ସମାବେଶ ନିମନ୍ତେ ପ୍ରସ୍ତୁତ ହୋଇଥିବା ମଞ୍ଚରେ କେତେକ ସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବସିଥିବା ଦେଖିବାକୁ ମିଳିଥିଲା। ଏପରିକି ସେମାନଙ୍କ ମଧ୍ୟରୁ କେତେକ ମଞ୍ଚ ପରିଚାଳନା ନିମନ୍ତେ ଆବଶ୍ୟକ ସମସ୍ତ ସାଜ ସରଞ୍ଜାମ ପ୍ରସ୍ତୁତ କରୁଥିଲେ। ସେମାନେ କୁଆଡେ ଅଫ୍ ଆୱାରରେ ଥିଲେ।

### ପରସ୍ପରକୁ ଗେଣ୍ଡୁମାଳ ପିନ୍ଧାଇ ଦଳରେ ମିଶିଲେ

ଏହି ସମାବେଶରେ ୪୦ ଜଣ ବିଜେଡିରେ ମିଶିଥିବା ନାମ ଘୋଷଣା କରାଯାଇଥିଲା। ମଞ୍ଚ ଉପରେ ମୁଖ୍ୟ ଅତିଥି ହାତ ଗଣତିଙ୍କୁ ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ହେଲେ ମଞ୍ଚ ତଳେ ଅନ୍ୟ ସମସ୍ତେ ପରସ୍ପରକୁ ଗେଣ୍ଡୁ ମାଳ ପିନ୍ଧାଇ ଦଳରେ ମିଶିଥିଲେ। ହେଲେ ଗଲାବେଳକୁ ଜଣେ ସମସ୍ତ ଗେଣ୍ଡୁ ମାଳ ବେକରୁ ଓହ୍ଲାଇ ଏକାଠି କରିନେଇଥିଲେ।

# କେନ୍ଦୁପଲ୍ଲୀ ଗ୍ରାମରେ ଭଜନ ସମାରୋହ କାର୍ଯ୍ୟକ୍ରମ



ଭଜନ ସମାରୋହରେ ଉପସ୍ଥିତ କଣ୍ଠଶିଳ୍ପୀମାନେ।

ଭାପୁର,୧୨।୩(ଡି.ଏନ.ଏ.)

ଭାପୁର ବ୍ଲକ କେନ୍ଦୁପଲ୍ଲୀ ଗ୍ରାମର ପ୍ରସିଦ୍ଧ ଜଳେଶ୍ୱର ଦେବଙ୍କ ପୀଠରେ ଭଜନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଜଗଦିଶ ପ୍ରସାଦ ରଥଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଗ୍ରାମର ନବଜ୍ୟୋତି କ୍ଲବର ସଭାପତି ମହେଶ୍ୱର ବେହେରା ଓ ମାନସ ଚନ୍ଦ୍ର ରଣା ସମସ୍ତ କଳାକାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ବିଶିଷ୍ଟ ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ସୋମନାଥ ରାଜଗୁରୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଗଦିଶ ପ୍ରସାଦ ଓ ସୋମନାଥ ରାଜଗୁରୁଙ୍କୁ ବେତାର କଣ୍ଠଶିଳ୍ପୀ ନବକିଶୋର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଭଏସ ଅଫ୍ ନୟାଗଡ଼ ପ୍ରୟାତମ୍ବା ରଥ, କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ, ଡକ୍ଟର ଆଶୁତୋଷ ଜ୍ୟୋର୍ତିମୟୀ ତ୍ରିପାଠୀ, ସଂଘମିତ୍ରା ରାଜଗୁରୁ, ସବିତା ଶୁକ୍ଳା, ଶିଶୁ କଣ୍ଠଶିଳ୍ପୀ ପଲ୍ଲବୀ ଭଜନ ପରିବେଷଣ କରିଥିଲେ।

# ଯୁବକ ଉଦ୍ଧାର, ୨ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୨।୩



ଗିରଫ ୨ ଅପହରଣକାରୀ।

## ୩ ଲକ୍ଷ ଟଙ୍କା ମୁଣ୍ଡ ଜାମିନ

ଜଣେ ଯୁବକଙ୍କୁ ଅପହରଣ କରି ୩ ଲକ୍ଷ ଟଙ୍କା ମୁଣ୍ଡ ଜାମିନରେ ରଖିଥିବା ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ପୋଲିସ ଗୁରୁବାର ମାମଲା ନମ୍ବର ୫୭/୨୦ରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଫୁଲ୍ଲ ବେହେରାଙ୍କ ୨ ପୁଅ ବାଲାଜୀ ବେହେରା (୨୫) ଓ ଶିବାଜୀ ବେହେରା (୨୨)। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଅନ୍ୟପଟେ ଅପହୃତ ହୋଇଥିବା ଯୁବକ ଶିବାଶିଷ ପାତ୍ରଙ୍କୁ ପୋଲିସ ଉଦ୍ଧାର କରି ତାଙ୍କ ମା' ଅର୍ପିତା ବେହେରାଙ୍କ ଜିମା ଦେଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି। ଅଭିଯୁକ୍ତ ୨ ଭାଇ ସିଟି ହାଇସ୍କୁଲ ରୋଡରେ ଚା ଦୋକାନ କରିଥିବା ବେଳେ ସେମାନେ ପୋଲସରାର ମୂଳ ନିବାସୀ ବୋଲି ପୋଲିସ କହିଛି।

ଘଟଣାରୁ ପ୍ରକାଶ, ଗତ ୭ ତାରିଖରେ ଗୋଦାବରୀଶ ନଗରରେ ରହୁଥିବା ଶିବାଶିଷଙ୍କୁ ସ୍ଥାନୀୟ ସିଟି ହାଇସ୍କୁଲ ନିକଟରୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଯାଇଥିଲେ। ପ୍ରଥମେ ଶିବାଶିଷଙ୍କ ମା'ଙ୍କୁ ଦୁର୍ବୃତ୍ତମାନେ ତାଙ୍କ ପୁଅକୁ ୧ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ ରଖାଯାଇଥିବା କହିଥିଲେ। ୨ ଦିନ ପରେ ୩ ଲକ୍ଷ ୪୦ ହଜାର ଟଙ୍କା ଦେଲେ ତୁମ ପୁଅକୁ ଫେରାଇ ଦିଆଯିବ ବୋଲି ଦୁର୍ବୃତ୍ତମାନେ ତାଙ୍କ ମା'ଙ୍କୁ ଫୋନରେ କହିଥିଲେ। ଅର୍ପିତା ଏନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ କରିଥିଲା। ମୋବାଇଲ ଫୋନ ଟ୍ରାକିଂ ଜରିଆରେ ପୋଲିସ ବୁଧବାର ରାତିରେ ଅଭିଯୁକ୍ତମାନଙ୍କୁ ବଡବଜାର ଥାନା ଅନ୍ତର୍ଗତ ବାଲାଜୀପେଣ୍ଠ ବାସଭବନରୁ ଗିରଫ କରିଥିବା ବେଳେ ଶିବାଶିଷଙ୍କୁ ଉଦ୍ଧାର କରିଥିଲା।

ଘଟଣାରୁ ପ୍ରକାଶ, କିଛି ମାସ ତଳେ ବାଲାଜୀ ଓ ତାଙ୍କ ଭାଇ ଶିବାଜୀ ଟ୍ରେନରେ ଭୁବନେଶ୍ୱର ଯାଉଥିବା ବେଳେ ଶିବାଶିଷଙ୍କ ସହ ସେମାନଙ୍କ ଦେଖା ସାକ୍ଷାତ ହୋଇଥିଲା। ପରେ ଶିବାଶିଷ ଜମି କରାଇଦେବା ନାଁରେ ୨ ଭାଇଙ୍କ ନିକଟରୁ ୧ ଲକ୍ଷ ୭୫ ହଜାର ଟଙ୍କା ନେଇ ଫେରସ୍ତ କରି ନ ଥିଲେ। ଶିବାଶିଷ ଆମକୁ ଜମି କରାଇଦେଲେ ନାହିଁ କି ଆମ ଟଙ୍କା ଆମକୁ ଫେରସ୍ତ କଲେ ନାହିଁ ଏଣୁ ତାଙ୍କୁ ଅପହରଣ କରିଥିଲୁ ବୋଲି ଜେରା ବେଳେ ଅଭିଯୁକ୍ତମାନେ ପୋଲିସକୁ କହିଛନ୍ତି। ଅନ୍ୟପଟେ ଶିବାଶିଷ ୨ ଭାଇଙ୍କଠାରୁ ୧୦ ହଜାର ଟଙ୍କା ନେଇଥିବା ବେଳେ ସେ ଉକ୍ତ ଟଙ୍କା ତାଙ୍କୁ ଫେରସ୍ତ କରି ଦେଇଥିବା ପୋଲିସ କହିଛି।

# କୃଷକଙ୍କ ସମସ୍ୟା ନେଇ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୧୨।୩

ସାମ୍ପ୍ରତିକ ପରିପ୍ରେକ୍ଷୀରେ କୃଷକଙ୍କ ସମସ୍ୟା ନେଇ ଆଲୋଚନାଚକ୍ର ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁରସ୍ଥ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ମୋଦି ଏବଂ ରାଜ୍ୟ ନବୀନ ସରକାରଙ୍କ ଶାସନରେ କୃଷକଙ୍କ ସମସ୍ୟା ବଢ଼ି ଚାଲିଥିବା କଟାକ୍ଷ କରାଯାଇଥିଲା। ସିପିଏମ୍ କୃଷକ ସଭା ଗଞ୍ଜାମ ଜିଲା କମିଟି ପୂର୍ବତନ ନେତା ସ୍ୱର୍ଗତ ପ୍ରସନ୍ନ ପାଣିଗ୍ରାହୀଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ହୋଇଥିବା ଏହି ଆଲୋଚନାଚକ୍ର ଓ ବକ୍ତୃତାମାଳାରେ ଓଡ଼ିଶା କୃଷକ ସଭା ରାଜ୍ୟ ଉପସଭାପତି ଜଗନ୍ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲାରେ କୃଷକଙ୍କ ସମୂହ ସ୍ୱାର୍ଥ ନିମନ୍ତେ ସ୍ୱର୍ଗତ ପାଣିଗ୍ରାହୀଙ୍କ ଉଦ୍ୟମ ସମ୍ପର୍କରେ ମିଶ୍ର ମନେ ପକାଇ ଦେଇଥିଲେ। ଜିଲା ସଭାପତି ଗୋପାଳ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପି.ହରିକୃଷ୍ଣ ରେଡ୍ଡୀ, ସିପିଏମ୍ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀଙ୍କ ସମେତ ବସନ୍ତ ନନ୍ଦ ପ୍ରମୁଖ ପ୍ରସନ୍ନଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ସଫା ହେଉନି ପୁରୀ ରେଳଷ୍ଟେଶନ

ପୁରୀ ଅଫିସ,୧୨।୩

ୟେସ୍ ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତିର ପ୍ରଭାବ ଏବେ ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେବାରେ ଲାଗିଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଟଙ୍କା ଏହି ଘରୋଇ ବ୍ୟାଙ୍କରେ ଜମା ରହିଥିବା ବେଳେ ଆରବିଆଇର କଟକଣା ଯୋଗୁ ଅନେକେ ଟଙ୍କା ଉଠାଇ ପାରୁନାହାନ୍ତି। ୩୦ଦିନ ମଧ୍ୟରେ ମାତ୍ର ୫୦ ହଜାର ଟଙ୍କା ଉଠାଯାଇପାରିବ ବୋଲି ଯେଉଁ ଘୋଷଣା କରାଯାଇଛି ଏହାଦ୍ୱାରା ଅନେକେ ପ୍ରଭାବିତ ହେଉଛନ୍ତି। ପୁରୀ ରେଳଷ୍ଟେଶନ ସଫେଇ କର୍ମଚାରୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନିଯୁକ୍ତିକାରୀ ଠିକା ସଂସ୍ଥା ଫେବୃୟାରୀର ମଜୁରି ଦେଇ ନ ଥିବାରୁ ସଫେଇ କର୍ମଚାରୀମାନେ କାମ ବନ୍ଦ କରି ଦେଇଛନ୍ତି।

# ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ ଶିବିର



ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷା ଓ ଛାତ୍ରୀଛାତ୍ରମାନେ ଯୋଗ କରୁଛନ୍ତି।

ବ୍ରହ୍ମପୁର ଅଫିସ, ୧୨।୩

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁଇଦିନିଆ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ଜଗନ୍ନାଥ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ନବୀନ ପଣ୍ଡିତ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅଷ୍ଟାଙ୍ଗ ଯୋଗ, କପାଳଭାତି, ପ୍ରାଣାୟାମ ଓ ଆସନ ଶିକ୍ଷା ଦିଆଯାଇଥିଲା। ଯୋଗ ଶିବିରର ମୂଳ ଉଦ୍ଦେଶ୍ୟ ହେଲା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ବିକାଶ ଓ ବୃଦ୍ଧି କରିବା। ଅଧ୍ୟକ୍ଷା ଉତ୍ତମା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ମହତ୍ତ୍ୱ ଓ ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଶିବିରରେ ବିଭିନ୍ନ ବିଭାଗରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ମମତା ମହାପାତ୍ର, ପ୍ରଜ୍ଞା ପାରମିତା, ମାନସୀ ମିଶ୍ର, ଅଧ୍ୟାପକ ସମ୍ବିତ ମିଶ୍ରଙ୍କ ସମେତ ଅନ୍ୟ ଅତିଥି ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଯତୀନ ବିଷୋୟୀ, ରଶ୍ମିତା ପାଢ଼ୀ ଓ ସୁଶୀଲ କୁମାର ରାଠୋର ଶିବିର ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକଙ୍କ ରକ୍ତଚାପ ଏବଂ ଓଜନ ମପାଯାଇଥିଲା।

# ଚେକ୍ ବାଉନ୍ସ ମାମଲା, ଅଭିଯୁକ୍ତଙ୍କୁ ଜେଲ୍

## ଆବେଦନକାରୀଙ୍କୁ ୬ ଲକ୍ଷ ଟଙ୍କା ଫେରସ୍ତ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୨।୩

ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳାଇ ଗୁରୁବାର ଏକ ଚେକ ବାଉନ୍ସ ମାମଲାର ବିଚାର କରିଥିଲେ। ଏଥିରେ ଭଞ୍ଜବିହାରର ପୂର୍ବତନ ସେକ୍ସନ ଅଫିସର ଶେଷଦେବ ସାହୁଙ୍କୁ ଏକ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟପଟେ ଆବେଦନକାରୀ କେ.ପ୍ରମିଳାଙ୍କୁ ୬ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଶୋକନଗର ୪ର୍ଥ ଲେନ୍‌ରେ ରହୁଥିବା ଜୈନିକା ମହିଳା କେ.ପ୍ରମିଳା ଓ ଅଭିଯୁକ୍ତ ଶେଷଦେବଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଥିଲା। ଶେଷଦେବ କୌଣସି ଏକ ବ୍ୟବସାୟ ପାଇଁ ପ୍ରମିଳାଙ୍କଠାରୁ ଏକ ଷ୍ଟାମ୍ପ ପେପରରେ ଲିଖିତ ଭାବେ ୬ ଲକ୍ଷ ଟଙ୍କା ଉଦ୍ଧାର ନେଇଥିଲେ। ୨୦୧୭ ଅଗଷ୍ଟ ୧ରେ ଶେଷଦେବ ୩ ଲକ୍ଷ ଲେଖାଏ ଦୁଇ ଗୋଟି ଚେକ ଉକ୍ତ ମହିଳାଙ୍କୁ ଦେଇଥିଲେ। ବ୍ୟାଙ୍କରେ ଚେକଗୁଡିକ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ଓକିଲ ନୋଟିସର କୌଣସି ଉତ୍ତର ନ ମିଳିବାରୁ ଶେଷରେ ମହିଳା ଜଣକ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ଶେଷଦେବଙ୍କୁ ଏକ ବର୍ଷ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି। ଆବେଦନକାରୀଙ୍କୁ ୬ ଲକ୍ଷ ଟଙ୍କା ଫେରସ୍ତ ନ କଲେ ଅଭିଯୁକ୍ତ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗ କରିବେ ବୋଲି ଜେଏମ୍‌ଏଫସି ରାୟ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶତ୍ରୁଘ୍ନ ପାତ୍ର ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରାଜ କିଶୋର ପଲାଇ ମକଦ୍ଦମା ପରିଚାଳନା କରିଥିଲେ।

# ଯୁକ୍ତ ୨ ପରୀକ୍ଷା: ରାଜନୀତି ବିଜ୍ଞାନ, ଆକାଉଣ୍ଟାନ୍ସିରେ ୧୩ ମାଲ୍‌ପ୍ରାକ୍ଟିସ୍

ବ୍ରହ୍ମପୁର ଅଫିସ, ୧୨।୩

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାର ଗୁରୁବାର ଷଷ୍ଠ ଦିନ ବିତିଛି। ଷଷ୍ଠ ଦିନରେ ରାଜନୀତି ବିଜ୍ଞାନ ଓ ବାଣିଜ୍ୟ ଆକାଉଣ୍ଟାନ୍ସି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳର ବିଭିନ୍ନ କେନ୍ଦ୍ରରେ ୧୩ ପରୀକ୍ଷାର୍ଥୀ କପି ଅଭିଯୋଗରେ ସ୍କ୍ୱାଡ୍ ହାତରେ ଧରା ପଡିଥିବା ସୂଚନା ମିଳିଛି। ସେଥିମଧ୍ୟରେ ଗଞ୍ଜାମ ଜିଲାରୁ ଦୁଇ ଜଣ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ ହୋଇଥିବା ଜଣାପଡିଛି। ଗଞ୍ଜାମ ଜିଲା ଅନ୍ତର୍ଗତ ମହାନାଦପୁରସ୍ଥିତ ନୃସିଂହନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଜୋନାଲ ସ୍କ୍ୱାଡ୍ ଦ୍ୱାରା ଧରାପଡ଼ିଥିବା ବେଳେ ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ରୀ ପ୍ରଶ୍ନପତ୍ରରେ ଲେଖି ଅବ୍‌ଜରଭରଙ୍କ ଦ୍ୱାରା ଧରାପଡ଼ିଛନ୍ତି। ଗଜପତି ଜିଲା ଆର.ଉଦୟଗିରିସ୍ଥିତ ମହେନ୍ଦ୍ର ତନୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଏବଂ ରାମଗିରି ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ଜିଲାସ୍ତରୀୟ ସ୍କ୍ୱାଡ୍ ହାତରେ ଧରାପଡିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ଜିଲା ଜୟପୁରସ୍ଥିତ ବିକ୍ରମଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ବାଣିଜ୍ୟ ଆକାଉଣ୍ଟାନ୍ସି ପରୀକ୍ଷାରେ କପି କରୁଥିବା ବେଳେ ଆଭ୍ୟନ୍ତରୀଣ ସ୍କ୍ୱାଡ୍ ଦ୍ୱାରା ଧରାପଡ଼ିଥିବା ବେଳେ ଅନ୍ୟ ୧୨ ଜଣ କଳା ପରୀକ୍ଷାର୍ଥୀ ରାଜନୀତି ବିଜ୍ଞାନରେ ମାଲ ପ୍ରାକ୍ଟିସ୍‌ରେ ବୁକ ହୋଇଛନ୍ତି। କୋରାପୁଟ ଜିଲା ନନ୍ଦପୁର ସିଦ୍ଧଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ପରୀକ୍ଷାର୍ଥୀ ଓ ଲମତାପୁଟସ୍ଥିତ ଡ. ବି.ଆର.ଆମ୍ବେଦକର ନ୍ୟାଶନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ଜିଲାସ୍ତରୀୟ ସ୍କ୍ୱାଡ୍ ହାତରେ ଧରାପଡ଼ି ବୁକ ହୋଇଥିବା ବେଳେ ମାଲକାନଗିରି ଜିଲା ବାଲିମେଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ, ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଡି.ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ, ବୌଦ୍ଧ ଜିଲା ଜହ୍ନପଙ୍କ ସ୍ଥିତ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ସ୍କ୍ୱାଡ୍ ହାତରେ ଧରା ପଡ଼ିଥିବା ନେଇ ଡ. ଓଝା ସୂଚାଇଛନ୍ତି।

# ମହାପ୍ରଭୁଙ୍କ ଜମାଟଙ୍କାକୁ ନେଇ ବଢୁଛି ଅସନ୍ତୋଷ

ବ୍ରହ୍ମପୁର ଅଫିସ, ୧୨।୩

ଦେଶର ଏକ ଘରୋଇ ୟେସ୍ ବ୍ୟାଙ୍କରେ ଆର୍ଥିକ ଅନିୟମିତତା ଓ ଦେବାଳିଆ ଦେଖାଦେବାରୁ ଜମାକାରୀଙ୍କ ଅର୍ଥ ଉଠାଣ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ କଟକଣା ଲାଗୁ କରିଛନ୍ତି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ହିତାଧିକାରୀମାନେ ୫୦ ହଜାର ଟଙ୍କାରୁ ଅଧିକ ଉଠାଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଅନ୍ୟପଟେ ୟେସ୍ ବ୍ୟାଙ୍କ୍‌ରେ ଜଗନ୍ନାଥଙ୍କ ଟଙ୍କା ଜମା ଘଟଣାରେ ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ସମ୍ନାକୁ ଆସୁଛି। କଣ ପାଇଁ ବିଭିନ୍ନ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଥାଉଥାଉ ସରକାର ଏହି ଘରୋଇ ବ୍ୟାଙ୍କକୁ ବାଛିଲେ ସେ ନେଇ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଏହି ବ୍ୟାଙ୍କରେ ପୁରୀ ଶ୍ରୀମନ୍ଦିରର ପାଖାପାଖି ୫୪୫ କୋଟି ଟଙ୍କା ରହିଛି। ୟେସ୍ ବ୍ୟାଙ୍କର ସଂକଟଜନକ ସ୍ଥିତି ଦେଖି ତିରୁପତି ମନ୍ଦିର ପ୍ରଶାସନ ଗତବର୍ଷ ଟଙ୍କା ଉଠାଇ ନେଇଥିବା ବେଳେ ଜଗନ୍ନାଥ ମନ୍ଦିର ପ୍ରଶାସନ କ'ଣ ପାଇଁ ପଦକ୍ଷେପ ନେଲେ ନାହିଁ ବୋଲି ଚର୍ଚ୍ଚା ହୋଉଛି। ୨୦୧୭ ପର୍ଯ୍ୟନ୍ତ ୟେସ୍ ବ୍ୟାଙ୍କରେ ସରକାରୀ ଟଙ୍କା ଜମା କରିବା ପାଇଁ ଅନୁମତି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବ୍ୟାଙ୍କରେ ଟଙ୍କା ଜମା କରିବା ପାଇଁ ତାଲିକା ଜାରି କରାଯାଇଥିଲା। ଅର୍ଥାତ୍ ୨୦୧୯ରେ ଶ୍ରୀମନ୍ଦିର ପ୍ରଶାସନ ଆଶ୍ଚର୍ଯ୍ୟଜନକଭାବେ ଜଗନ୍ନାଥଙ୍କ ବିପୁଳ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମାକଲେ। ବିଭିନ୍ନ ରାଜନୈତିକ ଦଳମାନେ ଏହାକୁ ନେଇ ମୁହଁ ଖୋଲିଛନ୍ତି।



ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିରରେ ଦେଖାଶୁଣା କରିବା ପାଇଁ ଜଣେ ସଚିବ ନିଯୁକ୍ତ ହୋଇଛନ୍ତି। ସେ ଏହାର ତଦାରଖ କରିବା କଥା। ଏହି ଟଙ୍କାକୁ ଯେଭଳି ଭାବେ ଅପବ୍ୟବହାର କରାଯାଇଛି। ତାହା ସବୁଠାରୁ ଚିନ୍ତାର ବିଷୟ। ଏଥିରେ ଶତ ପ୍ରତିଶତ କିକ୍‌ବ୍ୟାକ୍ ହୋଇଛି।

-ବବିତା ପାତ୍ର, ଭାଜପା ନେତ୍ରୀ



ଯେଉଁ ଟଙ୍କା ସାଧାରଣ ଲୋକମାନଙ୍କ ସହିତ ଜଡିତ, ସେହିଗୁଡିକ ସରକାରୀ ବ୍ୟାଙ୍କରେ ରଖିବା ଉଚିତ୍। ଏତେ ପରିମାଣର ଟଙ୍କା ସରକାର କ'ଣ ପାଇଁ ବେସରକାରୀ ବ୍ୟାଙ୍କରେ ରଖିଲେ ତାହା ସରକାରଙ୍କୁ ଜଣା। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ।

ପୀତବାସ ପଣ୍ଡା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି



ବିଭିନ୍ନ ଜାତୀୟ ବ୍ୟାଙ୍କ ଥିବାବେଳେ ସରକାର କ'ଣ ପାଇଁ ବେସରକାରୀ ବ୍ୟାଙ୍କରେ ଟଙ୍କା ରଖିଲେ ତାହା ବଡ ପ୍ରଶ୍ନ। ଏହା ଭିତରେ ଏକ ର୍‌ୟାକେଟ୍ କାମ କରୁଛି।

-ଅଳିକିଶୋର ପଟ୍ଟନାୟକ, ସିପିଆଇ ନେତା



ଟଙ୍କା ନିଶ୍ଚିତ ଭାବେ ଫେରିପାଇବେ। ସରକାର ଟଙ୍କା ରଖିବା ପୂର୍ବରୁ ବ୍ୟାଙ୍କ ଗୁଡିକ ବିଷୟରେ ସବିଶେଷ ତଥ୍ୟ ନେଇ ରଖିଥିଲେ ଭଲ ହୋଇଥାନ୍ତା।

-ପ୍ରଫୁଲ୍ଲ କୁମାର ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍



ଏତେ ପରିମାଣର ଟଙ୍କା ବେସରକାରୀ ବ୍ୟାଙ୍କରେ କ'ଣ ପାଇଁ ରଖାଗଲା ଏଥିରେ କିଛି ଦୁର୍ନୀତିର ଗନ୍ଧ ଆସୁଛି। ମୁଖ୍ୟମନ୍ତ୍ରୀ ଶ୍ୱେତପତ୍ର ମାଧ୍ୟମରେ ଜଣାଇବା ଆବଶ୍ୟକ।

- ମନୋଜ ପଟ୍ଟନାୟକ, ଆଇନଜୀବୀ

## ସଂକ୍ଷେପରେ

### ଖଳିସାହିରେ ଦଶଦୋଳ ମହୋତ୍ସବ ପ୍ରସ୍ତୁତି

**ଖଣ୍ଡପଡ଼ା,୧୨।୩(ସ୍ୱ.ପ୍ର.):** ଚଳିତ ବର୍ଷଠାରୁ ଖଣ୍ଡପଡା ବ୍ଲକ ଖଳିସାହିରେ ଦଶଦୋଳ ମହୋତ୍ସବ ପାଳନ କରାଯିବା ନିମନ୍ତେ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଖଳିସାହି ଦଶଦୋଳ ପଡିଆରେ ଏହି ମହୋତ୍ସବ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ସୂଚନା ମିଳିଛି। ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ। ଏହାକୁ ସରସସୁନ୍ଦର କରିବା ଲାଗି ଖଳିସାହି ବଜାର କମିଟି ଓ ଯୁବ ସଂଗଠନର ସଦସ୍ୟମାନେ ପ୍ରୟାସ ଜାରି ରଖିଛନ୍ତି। ବିଭିନ୍ନ ଦିନରେ ଗଡଜାତ ଖଣ୍ଡପଡା ଅଞ୍ଚଳର ଲୋକକଳା, ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋର କୀର୍ତ୍ତିରାଜି, ବିଶ୍ୱ ବିଖ୍ୟାତ୍ ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ବୃତ୍ତାନ୍ତ, ଖଳିସାହି ଓ କଣ୍ଟିଲୋ ଅଞ୍ଚଳର ପିତ୍ତଳ ମୂର୍ତ୍ତି କାରିଗରି, କଂସା ବାସନ ଶିଳ୍ପ ଆଦି ପ୍ରସଙ୍ଗ ସ୍ଥାନ ପାଇବ ବୋଲି ଆୟୋଜକମାନେ ଜଣାଇଛନ୍ତି ।

### ଅନାସ୍ଥା ପ୍ରସ୍ତାବ ପାଇଁ ହେବ ସ୍ୱତନ୍ତ୍ର ବୈଠକ

**ଗଣିଆ,୧୨।୩(ଡି.ଏନ.ଏ.):** ନୟାଗଡ଼ ଜିଲା ଗଣିଆ ବ୍ଲକ କରଡାପଡା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଗତ ଫେବୃୟାରୀ ୧୨ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଏ ନେଇ ନୟାଗଡ଼ ଉପଜିଲାପାଳଙ୍କ ପତ୍ର ଅନୁଯାୟୀ ଚଳିତମାସ ୨୦ ତାରିଖ ପୂର୍ବାହ୍ନ ୧୧ଟାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ। ତେବେ ଓଡିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ର ଧାରା ୨୪ ଅନୁଯାୟୀ ଆହୂତ ଅନାସ୍ଥା ପ୍ରସ୍ତାବ ସଂକ୍ରାନ୍ତ ସ୍ୱତନ୍ତ୍ର ବୈଠକରେ ଦଶପଲ୍ଲା ବ୍ଲକ ଏବିଡିଓ ପରମାନନ୍ଦ ଜେନା ସଭାପତିତ୍ୱ କରିବା ସହ ବୈଠକ ପରିଚାଳନା ଓ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ରହିଛି । ଏଥିସହ ଗଣିଆ ବିଡିଓ, ଉକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଓ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ବୈଠକରେ ଉପସ୍ଥିତ ରହିବା ପାଇଁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଥିବା ଜଣାପଡିଛି।

### ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ

**ନୟାଗଡ ଅଫିସ,୧୨।୩:** ଦୋଳ ପୂର୍ଣ୍ଣିମା ଓ ହୋଲି ଅବସରରେ ଲେଖନପୁରଠାରେ ଥିବା ସମର୍ପଣ ବୃଦ୍ଧାଶ୍ରମ ପରିସରରେ ଭକ୍ତିସଙ୍ଗୀତର କାର୍ଯ୍ୟକ୍ରମ ଭକ୍ତିଅର୍ଘ୍ୟ ପରିବେଶିତ ହୋଇଯାଇଛି । ମା’ଫାଉଣ୍ଡେସନ,ସୁଧା ସାଂସ୍କୃତିକ ପରିଷଦ ଏବଂ ଆର୍ଟପଏଣ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଜୟାନନ୍ଦ ମହାପାତ୍ର, ସରୋଜ ମିଶ୍ର, ଡ.ଆଶୁତୋଷ ମିଶ୍ର, ଗଣେଶ ମିଶ୍ର ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରି ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ମନୋରଞ୍ଜନ କରିଥିଲେ ।

# ଚିନିକଳରେ ୨ ଜଣିଆ ବୈଷୟିକ ଟିମ୍

- ଉପକରଣ ତାଲିକା ପ୍ରସ୍ତୁତ ପରେ ସିଲ୍ ହେଲା
- ପୁଣିଥରେ ୨ୟ ପର୍ଯ୍ୟାୟ ଆକଳନ କରାଯିବ

**ନୟାଗଡ ଅଫିସ,୧୨।୩**

ନୟାଗଡ ପାଣିପୋଇଲାସ୍ଥିତ ଚିନିକଳରେ ଥିବା ଉପକରଣର ତଦାରଖ ଓ ଆକଳନ ପାଇଁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ତାଲା ଖୋଲା ଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତ୍ ଓ ନୟାଗଡ ତହସିଲଦାର ଭିକାରୀ ସାହୁଙ୍କ ଉପସ୍ଥିତିରେ ଆସ୍କା ଚିନିକଳର ୨ଜଣିଆ ବୈଷୟିକ ଟିମ୍ ଯାଞ୍ଚ କରି ସମ୍ପତ୍ତି ତାଲିକା ପ୍ରସ୍ତୁତ କରିଛନ୍ତି ।

ନୟାଗଡ ଜିଲାପାଳ ପୋମା ଟୁଡୁ, ପୁରୀ ଡିଆରସିଏସ୍ ସବିର ପଣ୍ଡା, ଖୋର୍ଦ୍ଧା ଏଆରସିଏସ୍ ଭାସ୍କର ପାଣିଗ୍ରାହୀ, ନୟାଗଡ ଏସଡିପିଓ ନିରଞ୍ଜନ ପାଢ଼ି, ସଦର ଥାନା ଆଇଆଇସି ଅନ୍ନପୂର୍ଣ୍ଣା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ନୟାଗଡ ଜିଲାପାଳ ପୋମା ଟୁଡୁ କୁହନ୍ତି ଲୋକଙ୍କର ଦାବି ରହିଛି ଚିନିକଳକୁ ପୁନଃ ଚାଲୁ କରାଯାଉ । ସରକାରୀ ସ୍ତରରେ ମଧ ଏହାକୁ ଚାଲୁ କରାଯାଇ ପାରିବା ନେଇ ପ୍ରଶ୍ନ ପଚରାଯାଉଛି। ତେବେ ବର୍ତ୍ତମାନ ଚିନିଶିଳ୍ପ ବିବାଦୀୟ ହୋଇ ରହିଛି। ଚିନିଶିଳ୍ପରେ ଯେତେ ମେଶେନାରି ଓ ଅନାନ୍ୟ ଉପକରଣ ରହିଛି ତାର ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯାଇଛି । ପୁଣି ଚିନି ଶିଳ୍ପ ମଧରେ ଥିବା ଗଛଗୁଡିକର ମଧ ଡିଏଫଓ ଗଣନା କରୁଛନ୍ତି । ପୁଣି ଥରେ ଚିନିଶିଳ୍ପ ଖୋଲାଯାଇ ପୁନଃ ଆକଳନ କରାଯିବ । ସମସ୍ତ ତଥ୍ୟ ଆସିବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ।


ଚିନିକଳ ପରିସରରେ ବୈଷୟିକ ଟିମ୍ ସଦସ୍ୟ ଓ ଅନ୍ୟମାନେ।

ତେବେ ଚିନିଶିଳ୍ପ ସିଲ୍ ପରେ ଗୋଟିଏ ଚାବି ୟୁକୋ ବ୍ୟାଙ୍କ ଓ ଅନ୍ୟ ଚାବି ଜିଲା ପ୍ରଶାସନ ନିକଟରେ ରହିଛି । ୟୁକୋ ବ୍ୟାଙ୍କ ସିନିୟର ମ୍ୟାନେଜର କ୍ଷିରୋଦ୍ ଚନ୍ଦ୍ର ଚାନ୍ଦ କୁହନ୍ତି ଚିନିକଳ ଉପରେ ବହୁ ଅନାଦାୟ ଋଣ ରହିଛି । ବହୁତ ସଂସ୍ଥା ଏଥିରେ ସଂଶ୍ଳିଷ୍ଟ ଅଛନ୍ତି । ଆମର ଯେହେତୁ ଋଣ ଅନାଦାୟ ରହିଛି ଆମକୁ ଡକାଯାଇ ଚିନିଶିଳ୍ପର ତାଲା ଭଙ୍ଗାଯାଇଛି । ଚିନିଶିଳ୍ପ ପରିସରରେ ଥିବା ଯନ୍ତ୍ରାଂଶ ଓ ଅନ୍ୟ ଉପକରଣର ତାଲିକା ପ୍ରସ୍ତୁତ କରାଗଲା । ପୁଣି ଆମ ଆଗରେ ସିଲ୍ କରାଗଲା । ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଆକଳନ ପରେ ଚିନିଶିଳ୍ପ ଜଏଣ୍ଟ କଷ୍ଟଡିରେ ରଖାଗଲା। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ । ପୁଣି ଚିନିଶିଳ୍ପ ଖୋଲାଯିବା ସମୟରେ ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନିଆଯିବ। ପୁରୀ ଡିଆରସିଏସ୍ ସବୀର ପଣ୍ଡା କୁହନ୍ତି ଯନ୍ତ୍ରାଂଶ ଓ ବିଭିନ୍ନ ଉପକରଣର ତାଲିକା ପ୍ରସ୍ତୁତି ପରେ ୟୁକୋ ବ୍ୟାଙ୍କ ଓ ଜିଲା ପ୍ରଶାସନର କଷ୍ଟଡିରେ ରଖା ଯାଇ ଚିନିକଳକୁ ସିଲ୍ କରାଯାଇଛି । ସରକାରଙ୍କ ନିଷ୍ପତ୍ତି ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଉଲ୍ଲେଖ ଥାଉ କି, ୧୯୯୮ରେ ପାଣିପୋଇଲାଠାରେ ସ୍ଥାପିତ ଚିନିକଳରେ ୨୦୧୫ରୁ ତାଲା ଝୁଲୁଛି ।

### ଏପଟେ ବ୍ୟାଙ୍କ ଋଣ, ସେପଟେ ଆଖୁଚାଷୀଙ୍କ ପ୍ରାପ୍ୟ

ଚିନିଶିଳ୍ପ ଉପରେ ୩ଟି ବ୍ୟାଙ୍କର ୨୫ କୋଟି ଋଣଥିବା ଜଣାପଡିଛି । ସେହିପରି ଆଖୁଚାଷୀଙ୍କର ପ୍ରାପ୍ୟ ୪କୋଟି ଟଙ୍କା, ଶ୍ରମିକ ଓ କର୍ମଚାରୀ ମଜୁରି ୬କୋଟି ଟଙ୍କା ରହିଥିବା ଅନୁରୂପ ଭାବେ ଜଣାପଡିଛି । ଏଭଳିସ୍ଥଳେ ବ୍ୟାଙ୍କ ଗୋଟିଏ ଚାବି ନେଲା ପରେ ବ୍ୟାଙ୍କ ଟଙ୍କା ଫେରି ପାଇବାର ବ୍ୟବସ୍ଥା କରାଗଲା ବୋଲି କୁହାଯାଉଛି। ତେବେ ଆଖୁଚାଷୀ, ଚିନିକଳ ଶ୍ରମିକ ଓ କର୍ମଚାରୀ ସେମାନଙ୍କର ଟଙ୍କା କେମିତି ପାଇବେ, ସେମାନଙ୍କୁ ଅନ୍ୟ ଗୋଟିଏ ଚାବି ଦିଆଗଲା ନାହିଁ କାହିଁକି ବୋଲି ଚିନିକଳ କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ସନ୍ତୋଷ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି । ଆମେ ପ୍ରଶାସନ ଓ ସରକାରଙ୍କର ପଦକ୍ଷେପ ଉପରେ ନଜର ରଖିଛୁ । ପ୍ରଶାସନ ଓ ସରକାରଙ୍କ ପଦକ୍ଷେପକୁ ଦେଖି ଆମେ ପରବର୍ତ୍ତୀ ପଦକ୍ଷେପ ନେବୁ ବୋଲି କହିଛନ୍ତି ।

### ସିଲ୍ ପରେ ସୁରକ୍ଷା ଚିନ୍ତା

ଚିନି ଶିଳ୍ପ ଭିତରୁ ମିଲ୍ ହାଉସ୍, ବଏଲର ହାଉସରୁ ଛୋଟ ଛୋଟ ଯନ୍ତ୍ରାଂଶ ଚୋରି ହୋଇଥିବା ଜଣାପଡିଛି । ଗୁରୁବାର ପ୍ରଶାସନ ଆକଳନ ପରେ ଚିନିଶିଳ୍ପ ପ୍ରଶାସନର ନଜରରେ ରହିବ । ସୁରକ୍ଷା କିପରି ହେଉଛି ଦେଖିବାକୁ ପଡିବ । କାରଣ ନୟାଗଡ ସୁଗାର ଫ୍ୟାକ୍ଟ୍ରି ଆଉ ଦାୟିତ୍ୱ ନେବ ନାହିଁ । କେବଳ ସିଲ୍ କରିଦେଲେ ଯନ୍ତ୍ରାଂଶ ଓ ବିଭିନ୍ନ ଉପକରଣ ସୁରକ୍ଷାରେ ରହିବନି ବୋଲି କୁହାଯାଉଛି।

### ୧୪୭୧ କୋଟି ଟଙ୍କାର କ୍ଷତିପୂରଣ ଦାବି

ନୟାଗଡ ଚିନିକଳ କୋର୍ଟ କଚେରିରେ ଫସି ଯାଇଛି । ନୟାଗଡ ସୁଗାର ଫ୍ୟାକ୍ଟ୍ରି୧୪୭୧କୋଟି ଟଙ୍କାର କ୍ଷତିପୂରଣ ସରକାରଙ୍କଠାରୁ ଦାବି କରିଥିବା ନିକଟରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗଣମାଧ୍ୟମକୁ କହିଥିଲେ । ଯେପର୍ଯ୍ୟନ୍ତ କେସ ଫଇସଲା ନ ହୋଇଛି ସେ ପର୍ଯ୍ୟନ୍ତ ସରକାର କିଛି କରି ପାରିବେ ନାହିଁ । କେସ ଫଏସଲା ପରେ କୋର୍ଟ ଆଦେଶ ପ୍ରକାରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ନୟାଗଡକୁ ବୈମାତୃକ ମନୋଭାବ ରଖାଯିବାର ଯେଉଁ ଅଭିଯୋଗ ରହିଛି ତାର ସତ୍ୟତା ନାହିଁ । ଯଦି କୋର୍ଟରେ ନିର୍ଦ୍ଦେଶ ମିଳେ ତେବେ ଆମେ ନୟାଗଡ ଚିନିକଳକୁ ପନଃ କାର୍ଯ୍ୟକ୍ଷମ କରିପାରିବୁ ବୋଲି ସମବାୟ ମନ୍ତ୍ରୀ କହିଛନ୍ତି।

### ଗଛ କଟା ଯାଉଥିବାର ମିଳିଲା ପ୍ରମାଣ

ଚିନିକଳ ପରିସରରେ ଥିବା ଜଙ୍ଗଲରୁ ଅନେକ ଗଛ କଟା ଯାଇଥିବାର ଦେଖିବାକୁ ମିଳିଛି। ଚିନିକଳରୁ ସ୍ୱଳ୍ପ ସମୟ ପାଇଁ ତାଲା ଖୋଲଯିବା ପରେ ଏହା ନଜରକୁ ଆସିଛି। ପ୍ରାୟ ୫ବର୍ଷ ଧରି ଚିନିକଳରେ ତାଲା ପଡିବା ପରେ ପୁଣି ଗଛଲଗୁଡ଼ିକ କଅଁଳି ଉଠିଛି । ଏ ନେଇ ବନବିଭାଗ ଜିଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବ।

## ଚାଷୀ ଫେରାଇବେ ୪୬ ହଜାର ଟଙ୍କା

### ଇଟାମାଟି ଧାନ ଦୁର୍ନୀତି ଘଟଣା

**ନୟାଗଡ ଅଫିସ,୧୨।୩**

ଜାଲ କାଗଜପତ୍ରରେ ଧାନ କିଣା ଅଭିଯୋଗରେ ନୟାଗଡ ବ୍ଲକ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ରବୀନ୍ଦ୍ର ପ୍ରଧାନଙ୍କୁ ନିଲମ୍ବିତ କରାଯିବା ପରେ ଏବେ ଚାଷୀ ଦଣ୍ଡିତ ହୋଇଛନ୍ତି । ଏନେଇ ଇଟାମାଟିର ଚାଷୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଠାରୁ ୨୫ କୁଇଣ୍ଟାଲ ୫୬ କେଜି ଧାନର ଦାମ କୁଇଣ୍ଟାଲ ୧୮୧୫ ଟଙ୍କା ହିସାବରେ ୪୬ ହଜାର ୩୯୧ ଟଙ୍କା ୪୦ ପଇସା ଆଦାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଟଙ୍କା ଆଦାୟ କରାଯିବ ବୋଲି ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜୟନ୍ତ ଜେନା ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ଇଟାମାଟିର ଗୋପିନାଥ ଜୀଉ, ନାରାୟଣୀ ଠାକୁର, ଜଗନ୍ନାଥ ଜୀଉ, ବେହେରାସାହି ରାଧାକାନ୍ତ ଜୀଉଙ୍କର ଜମିକୁ ପଞ୍ଜିକରଣ କରି ବେଆଇନ ଭାବେ ଧାନ ବିକ୍ରି କରାଯାଇଥିବାର ଅଭିଯୋଗ ହୋଇଥିଲା । ଇଟାମାଟି ଧାନକିଣା ଦୁର୍ନୀତି ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ତଦନ୍ତ କରାଯାଇଥିଲା। ଅନିୟମିତତାର ପ୍ରମାଣ ମିଳିବା ପରେ ଜିଲାପାଳ ପୋମା ଟୁଡୁ ସମ୍ପାଦକଙ୍କୁ ନିଲମ୍ବିତ କରିଥିଲେ। ସେହିଭଳି ୩ଜଣ ଚାଷୀଙ୍କୁ ବ୍ୟକ୍ତିଗତ ନୋଟିସ୍ କରିଥିଲେ। ନୋଟିସ୍ ମୁତବାକ ପ୍ରଦ୍ୟୁମ୍ନ ହାଜର ପରେ ଜିଲାପାଳ ଠକେଇ ଧାନ ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗାଁ ରାସ୍ତାରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ଖୁଣ୍ଟ

**ଗଣିଆ,୧୨।୩(ଡି.ଏନ.ଏ.)**

ଅନେକ କ୍ଷେତ୍ରରେ ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ନଜରକୁ ଆସୁଛି। କେଉଁଠି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ରହୁଛି ତ ଅନ୍ୟ କେଉଁଠି ଟ୍ରାନ୍ସଫର୍ମର ମୁକୁଳା ପଡୁଛି। ଏଥିଯୋଗୁ ଅନେକ ସମୟରେ ଅଘଟଣ ଘଟିବା ମଧ୍ୟ ନଜିର ରହିଛି। ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଗ୍ରାମର ଗଡଭିତର ସାହି ରାସ୍ତା ମଝିରେ ଦୀର୍ଘଦିନ ଧରି ଏକ ଲୁହା ବିଦ୍ୟୁତ୍ ଖୁଣ୍ଟର ମୂଳ ନଷ୍ଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଖୁଣ୍ଟଟି କୌଣସି ସମୟରେ ଭାଙ୍ଗିପଡି ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ବର୍ଷା ପବନ ସମୟରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ଗ୍ରାମର ସୁଶାନ୍ତ କରଣ କହିଛନ୍ତି। ଏହି ରାସ୍ତା ଗଣିଆ ବ୍ଲକର ଆଡକଟାଠାରୁ ନୂଆଗାଁ ବ୍ଲକର ମହିତମା ଛକକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ ବହୁ ସଂଖ୍ୟାରେ ଯାତ୍ରୀବାହୀ ଯାନବାହନ, ଟ୍ରକ ଆଦି ଯାତାୟାତ କରିଥାଏ। ଏପରିସ୍ଥଳେ ଏହି ଖୁଣ୍ଟକୁ ବାହାର କରି ନୂତନ ବିଦ୍ୟୁତ୍ ଖୁଣ୍ଟ ପୋତାଯିବା ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ପ୍ରଦୀପ ପରିଡା କୁହନ୍ତି। ଏ ସମ୍ପର୍କରେ ଗଣିଆ ଫିଡ୍‌କୋ କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାହୁଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ପାଇଛୁ, ଆସନ୍ତା ୨ଦିନ ମଧ୍ୟରେ ଉକ୍ତ ବିଦ୍ୟୁତ୍ ଖୁଣ୍ଟକୁ ହଟାଯାଇ ସେହି ସ୍ଥାନରେ ନୂତନ ଖୁଣ୍ଟ ପୋତାଯିବ ବୋଲି କହିଥିଲେ।


ରାସ୍ତା ମଝିରେ ଥିବା ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ।

## ଖୋର୍ଦ୍ଧା ୧୨ନଂ. ଜୋନରେ ଅଟଳ ଜ୍ୟୋତି ଯୋଜନାର ଶୁଭାରମ୍ଭ

**ନିରାକାରପୁର,୧୨।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ୧୨ନଂ. ଜୋନର ରାମେଶ୍ୱର ଗ୍ରାମରେ ଗୁରୁବାର ଅଟଳ ଜ୍ୟୋତି ଯୋଜନାରେ ସୋଲାର ଲାଇଟ୍ ଲଗାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ଅନୁଦାନ ଅର୍ଥରୁ ୧୨ନଂ. ଜୋନର ୭ ପଞ୍ଚାୟତରୁ ପ୍ରଥମେ ରାମେଶ୍ୱର, ନିରାକାରପୁର ଓ ଲେଣ୍ଡୁ ପଞ୍ଚାୟତରେ ୫ଟି ଲେଖାଏ ସୋଲାର ଲାଇଟ୍ ଲାଗିଛି। ଏହି କାର୍ଯ୍ୟକ୍ରମରେ ୧୨ନଂ. ଜୋନ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୋଷ କୁମାର ହରିଚନ୍ଦନ, ସୁକେଶ ସେନାପତି, ସଞ୍ଜୟ ରାଉତରାୟ, ମାନସ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

## ଧାନକିଣା ଦୁର୍ନୀତି ତଦନ୍ତ ନ ହେବାରୁ କ୍ଷୋଭ

**ନୟାଗଡ ଅଫିସ,୧୨।୩**

ନୟାଗଡ ଜିଲା ପାଣ୍ଡେରୀପଡା ପ୍ରାଥମିକ କୃଷି ସମବାୟ ସମିତିରେ ହୋଇଥିବା ଧାନ କିଣା ଦୁର୍ନୀତି ନେଇ ଅଭିଯୋଗ କରିଥିଲେ ମଧ ଏଯାବତ ତଦନ୍ତ କରାଗଲା ନାହିଁ । ଇଟାମାଟି ଓ ଖମାରସାହି ଧାନକିଣା ଦୁର୍ନୀତିର ତଦନ୍ତ କରାଯାଇଥିଲେ ମଧ ଆମ ସମିତିରେ ଅନୀୟମିତତାର କାହିଁକି ତଦନ୍ତ କରାଯାଉ ନାହିଁ ବୋଲି ୨ଜଣ ଅଭିଯୋଗକାରୀ କ୍ଷୋଭ ପ୍ରକାଶ କରି କହିଛନ୍ତି। ମଦନପୁରର ଜଗନ୍ନାଥ ବେହେରାଙ୍କ ଅଭିଯୋଗ ଅନୁସାରେ ମୋ ନାଁରେ ଚାଷ ଜମି ନାହିଁ । ପୁଣି ମୁଁ ଭାଗଚାଷୀ ନୁହେଁ । ହେଲେ ମୋ ନାଁରେ ଧାନ ଟୋକନ କରି ଟଙ୍କା ଉଠା ଯାଇଛି । ପ୍ରଶାସନ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେଉ । ସେହିଭଳି ବାଉଁଶଗାଡିଆ ନିକଟସ୍ଥ ଚୋରଖାଲ ଗାଁର ବାବାଜୀ ନାୟକ ଅଭିଯୋଗ କରିଛନ୍ତି ମୋ ନାଁରେ ଜମି ରହିଛି । ହେଲେ ମଦନପୁର ଗାଁର ଜଣେ ବ୍ୟକ୍ତି ଟୋକନ କରି ଧାନ ଟଙ୍କା ଉଠାଣ କରି ନେଇଛନ୍ତି । ଯାହାକି ମୋତେ ଠକେଇ କରାଯାଇଛି। ଏହି ଦୁର୍ନୀତିର ତଦନ୍ତ କରିବାକୁ ସେ ଜିଲାପାଳଙ୍କୁ ଅନରୋଧ କରିଛନ୍ତି।

## ପୂର୍ଣ୍ଣମାସୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଭାପୁର,୧୨।୩(ଡି.ଏନ୍.ଏ.)**

ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ମର୍ଦ୍ଧାବାଡ଼ି ଓ ମିଟୁଆଣି ଗ୍ରାମ ନିକଟରେ ବିଜେ ମା’ ପୂର୍ଣ୍ଣମାସୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ଏହି ଧାର୍ମିକ କାର୍ଯ୍ୟ ୫ ଦିନ ଧରି ଚାଲିଥିଲା। ମା’ଙ୍କ ପୀଠରେ ଅନୁଷ୍ଠିତ ଏହି ତୃତୀୟ ବିଶ୍ୱଶାନ୍ତି ଯଜ୍ଞରେ ଶୁକ୍ରବାର ଅଧିବାସ, ଅଙ୍କୁରାରୋପଣ, ମଣ୍ଡଳୀକରଣ, ଶନିବାର ଜଳଯାତ୍ରା, କଳସ ସ୍ଥାପନ ଓ ଅଗ୍ନିସ୍ଥାପନ, ରବିବାର ସୂର୍ଯ୍ୟପୂଜା, ଗୋପୂଜା, ଗୀତା ଆହୁତି, ସୋମବାର ଓ ମଙ୍ଗଳବାର ଯଜ୍ଞ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ଭାବେ ମା’ଙ୍କ ଖ୍ୟାତି ଥିବାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

## ନୂଆସାହିରେ ପାନୀୟ ଜଳ ସମସ୍ୟା

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ଖଣ୍ଡପଡ଼ା,୧୨।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସିଂଘାପଡା ପଞ୍ଚାୟତ ନୂଆସାହି ବାସିନ୍ଦା ପାନୀୟ ଜଳ ମୁନ୍ଦେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ସାହିଲୋକେ ବୁଧବାର ବ୍ଲକ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କଠାରୁ ପ୍ରକାଶ ଯେ, ନୂଆସାହିକୁପାନୀୟ ଜଳ ଯୋଗାଣ ନିମନ୍ତେ କୁଞ୍ଜବିହାରୀପ୍ରସାଦ ଓ ସିଂଘାପଡାରୁ ବ୍ୟବସ୍ଥା ରହିଛି। ମାତ୍ର କୁଞ୍ଜବିହାରୀପ୍ରସାଦ ପ୍ରକଳ୍ପରୁ ଯୋଗାଯାଉଥିବା ପାଣି ଗୋଳିଆ ହେତୁ ବ୍ୟବହାର ଉପଯୋଗୀ ନୁହେଁ। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ସୁଫଳ ମିଳିପାରି ନାହିଁ। ସାହିର ଏହି ସମସ୍ୟା ନେଇ ସିଂଘାପଡା ସରପଞ୍ଚ ନମିତା ପଣ୍ଡା କହନ୍ତି, ଗ୍ରାମବାସୀଙ୍କୁ କୁଞ୍ଜବିହାରୀପ୍ରସାଦ ଓ ସିଂଘାପଡାରୁ ୨ଇଞ୍ଚିଆ ପାଇପ୍ ଯୋଗେ ପାଣି ଯୋଗାଯାଉଛି। ଅନ୍ୟମାନେ ସୁବିଧାରେ ପାଣି ପାଉଥିବା ବେଳେ ପ୍ରକଳ୍ପ ପାଣି ଗୋଳିଆ କିମ୍ବା ଅପରିଷ୍କାର ନୁହେଁ। ଅନ୍ୟପକ୍ଷେ ଉକ୍ତ ଗ୍ରାମର ୭୦ ପରିବାର ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମନଇଚ୍ଛା ମୋଟରପମ୍ପ ଲଗାଇ ଘରକୁ ପାଣି ନେଉଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଏହି ବେଆଇନ କାର୍ଯ୍ୟକୁ ପ୍ରଶାସନିକ ସ୍ତରରେ ବନ୍ଦ କରିଦିଆଗଲେ ସମସ୍ତେ ସୁବିଧାରେ ପାଣି ପାଇପାରନ୍ତେ। ଏହାଛଡା ପ୍ରଶାସନ ପକ୍ଷରୁ ମାଟିରେ ପୋତି ହୋଇଥିବା ପ୍ରକଳ୍ପର ପୁନରୁଦ୍ଧାର ଏବଂ ନୂଆସାହି ପାଇଁ ଆଗାମୀ ବଜେଟ୍‌ରେ ପଞ୍ଚାୟତ ଆକ୍ସନପ୍ଲାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିବା ସେ ପ୍ରକାଶ କରିଥିଲେ।


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାହି ବାସିନ୍ଦା।

## ଜିଲା ଓକିଲ ସଂଘର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

- କାର୍ଯ୍ୟକାରୀ କମିଟିକୁ ୬ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ
- ନିର୍ବାଚନ ମଇଦାନରେ ୧୩ ପ୍ରାର୍ଥୀ

**ନୟାଗଡ ଅଫିସ,୧୨।୩**

ନୟାଗଡ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ୨୮ ତାରିଖରେ ହେବ । ଏଥିପାଇଁ ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । କାର୍ଯ୍ୟକାରୀ କମିଟିକୁ ଚିତ୍ତରଞ୍ଜନ ପ୍ରଧାନ, ନିରଞ୍ଜନ ବିଶ୍ୱାଳ, ରାଧାକାନ୍ତ ଦାସ, ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ, ଶୁଭେନ୍ଦୁ କୁମାର ଦାସ ଓ ତ୍ରିନାଥ ନାୟକ ପ୍ରମୁଖ ୬ଜଣ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷେ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ପ୍ରମୁଖ ୫ ପଦବୀ ପାଇଁ ୧୩ ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ଶୁକ୍ରବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରଚାର ଆରମ୍ଭ ହୋଇଯାଇଛି। ସମୟ ଅଭାବ ଥିବାରୁ ପ୍ରାର୍ଥୀ ସମୟ ଅପଚୟ କରିବାକୁ ଚାହୁଁ ନାହାନ୍ତି ।

ପ୍ରକାଶଥାଉ କି, ଓଡିଶା ରାଜ୍ୟ ଆଇନଜୀବୀ ପରିଷଦଙ୍କ ତତ୍ତ୍ୱାବଧାନରେ ହାଇକୋର୍ଟ ସମେତ ବିଭିନ୍ନ ଓକିଲ ସଂଘର ନିର୍ବାଚନ ଗୋଟିଏ ଦିବସରେ ହେଉଛି। ୱାନ୍ ବାର୍ ୱାନ୍ ଭୋଟ ନୀତିରେ ଚଳିତ ବର୍ଷ ଜଣେ ଓକିଲ ଗୋଟିଏ ସ୍ଥାନରେ କେବଳ ଭୋଟ ଦେଇପାରିବ। ପୂର୍ବରୁ ଜଣେ ଓକିଲ ଯେତେଟା ସଂଘରେ ସଭ୍ୟ ଥିଲେ ସବୁଥରେ ଭୋଟ ଦେଇ ପାରୁଥିଲେ, ଯାହାକି କେତେକ ପ୍ରାର୍ଥୀଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲା ।

### ଦୁଇ ପୁରୁଣା ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ

ସଭାପତି ପଦକୁ ନେଇ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ତେବେ ଦୁଇ ପୁରୁଣା ସଭାପତିଙ୍କ ମଧରେ ଲଢ଼େଇ ଜୋରଦାର ହେବ ବୋଲି କୁହାଯାଉଛି । ରଣଜିତ ଦାଶ ୬ଥର ସମ୍ପାଦକ ଓ ଥରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ପୁଣି ଜିଲା କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରୁଥିଲେ । ଏଭଳିସ୍ଥଳେ ଚଳିତ ନିର୍ବାଚନରେ ସେ ପୁଣି ପ୍ରାର୍ଥୀ ହୋଇ ରେକର୍ଡ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଅନ୍ୟପକ୍ଷେ ସଭାପତି ଭାବେ ପ୍ରସନ୍ନ କୁମାର ରଥ ଦାୟିତ୍ୱରେ ଅଛନ୍ତି । ସେ ନିଜର ପଦ ବଜାୟ ରଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରି ଦେଇଛନ୍ତି । ତେବେ ବଂଶୀଧର ରାଉତରାୟ ନିର୍ବାଚନ ମଇଦାନରେ ନବାଗତ ହୋଇଥିଲେ ମଧ ଉଭୟ ପୁରୁଣା ପ୍ରାର୍ଥୀଙ୍କୁ ଚେକ୍ ଦେଇ ନିର୍ବାଚନରେ ବିଜୟୀ ହେବାକୁ ଆଶା କରିଛନ୍ତି ।

### ସମ୍ପାଦକ ପଦବୀରେ ୪ଜଣ

ସମ୍ପାଦକ ପଦବୀ ପାଇଁ ୪ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ତେବେ ୩ ପ୍ରାର୍ଥୀ ରାଜନୀତିରେ ଧୁରନ୍ଧର ଥିବାବେଳେ ନିରଞ୍ଜନ ମିଶ୍ର ନୂଆ ମୁହଁ । ପୂର୍ବରୁ ଅରୁଣ କୁମାର ମହାପାତ୍ର କୋଷାଧ୍ୟକ୍ଷ, ସହ ସମ୍ପାଦକ ପଦବୀ ପରି ଦାୟିତ୍ୱ ତୁଲାଇ ଆସିଛନ୍ତି । ପୁଣି କାଳୁ ଚରଣ ସ୍ୱାଇଁ ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଛନ୍ତି। ସମୀର କୁମାର ନାୟକ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ସେହିଭଳି ଉପସଭାପତି ପଦ ପାଇଁ ମଦନ ମୋହନ ପଣ୍ଡା ଓ ପ୍ରମୋଦ କୁମାର ଦାସ ଏବଂ ଯୁଗ୍ମ ସମ୍ପାଦକ ପାଇଁ ଅଜୟ କୁମାର ରାଉତ ଓ ବିଶ୍ୱରଞ୍ଜନ ମହାପାତ୍ରଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଅନ୍ୟପକ୍ଷେ କୋଷାଧ୍ୟକ୍ଷ ପଦବୀ ପାଇଁ ମଧ୍ୟ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ଏହି ପଦବୀ ପାଇଁ ନୃସିଂହ ଚରଣ ପଟ୍ଟନାୟକ, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଅବତୀର୍ଣ୍ଣ ହୋଇଛନ୍ତି।

### ଚାଲିଛି ଭୋଟରଙ୍କୁ ମନାଇବା ପ୍ରୟାସ

ମୁଣ୍ଡ ଉପରେ ନିର୍ବାଚନ । ପ୍ରାର୍ଥୀଙ୍କ କଥାବାର୍ତ୍ତା, ଚାଲି ଚଳଣିରେ ପରିବର୍ତ୍ତନର ଝଲକ ଦେଖାଦେଇଛି । ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ନୂଆ ନୂଆ ତରିକା ଲାଗୁ କରାଗଲାଣି । ବିଜୟୀ ହେଲେ କ’ଣ କରିବେ ସେନେଇ ନୂଆ ନୂଆ ପ୍ରତିଶ୍ରୁତି ଦେଉଛନ୍ତି । ପୁଣି ନୂଆମୁହଁକୁ ଗୁରୁତ୍ୱ ଦିଅ ବୋଲି ପ୍ରଚାର ଚାଲିଛି । ଅପରପକ୍ଷେ ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଶାସକ ଦଳ କିପରି ନିଜ ନିୟନ୍ତ୍ରଣରେ ରଖିବ ସେଥିପ୍ରତି ଚାଲିଛି ସମର ସଜ୍ଜା । ବିରୋଧୀ କଂଗ୍ରେସ ଓ ଭାଜପା ପଛରେ ପଡି ନାହାନ୍ତି । ଉଭୟ ଦଳ ନିଜର ସମର୍ଥକମାନଙ୍କୁ ବିଜୟୀ କରାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି ।